## ମଣ୍ଡିରେ ଧାନକିଣା ଆରମ୍ଭ

ଚାନ୍ଦବାଲି,୫।୧(କିଷାନ ପାତ୍ର): ଚାନ୍ଦବାଲି ବ୍ଲକରେ ସୋମବାର ଧାନ ମଣ୍ଡି ଖୋଲିଛି। ମୋଟ ୨୨ ସୋସାଇଟି ଓ ୪ ସ୍ୱୟଂସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଅନୁମତି ପାଇଛନ୍ତି। ବାଲିଗାଁ ସମବାୟ ସମିତି ପକ୍ଷରୁ କଣ୍ଟା ପୂଜା କରାଯାଇ ଆନୁଷ୍ଠାନିକ ଭାବେ ଧାନକ୍ରୟ ଆରମ୍ଭ କରାଯାଇଛି। ସମିତି ସଭାପତି ବୃନ୍ଦାବନ ମହାଲିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବିଡିଓ ସଞ୍ଜୀବ କୁମାର ମହାପାତ୍ର, ତହସିଲଦାର ଭବତୋଷ ମଲ୍ଲିକ, ଏମ୍ଆଇ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ଜିଲା ଧାନ କମିଟି ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ସମ୍ପାଦକ ବିଦ୍ୟାଧର ସାହୁଙ୍କ ସମେତ ସମସ୍ତ ବୋର୍ଡ ମେମ୍ବର ଯୋଗ ଦେଇଥିଲେ। ଲଲାଟେନ୍ଦୁ ରାୟ, ମହେଶ୍ୱର ସାହୁ, ଶଶିକାନ୍ତ ଦାସ, ସଂଗ୍ରାମ ଦାସ, ସୁରେନ୍ଦ୍ର ମହାନ୍ତି, ଶୀତ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି: ଏମ୍‌ପି

### ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

ଭଦ୍ରକ,୫।୧(ସନାତନ ରାଉତ)

ଭଦ୍ରକ ବ୍ଲକ ବ୍ରହ୍ମପୁର ସେବା ସମବାୟ ସମିତି ପରିସରରେ ସୋମବାର ପୂର୍ବାହ୍ନ ୧୧ଟା ବେଳେ ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ବରେଣ୍ୟ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାରେ ଭାଜପା ସରକାର ଗଠନ କରିବା ପରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରିବା ପାଇଁ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ପୂରଣ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ସବୁବେଳେ ଚାଷୀମାନଙ୍କୁ ଅଗ୍ରାଧିକାର ଦେଇଆସୁଛନ୍ତି ବୋଲି ଏମ୍‌ପି ସେଠୀ କହିଛନ୍ତି। ଗତବର୍ଷ ତୁଳନାରେ ୧୬ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ଏହା ଚାଷୀମାନଙ୍କର ସରକାରଙ୍କ ଉପରେ ଅତୁଟ ବିଶ୍ୱାସ ପ୍ରମାଣ ବୋଲି ବିଧାୟକ କହିଛନ୍ତି।

ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଜିଲାରେ ୯୬ ହଜାର ୨୩୨ଜଣ ଚାଷୀ ସରକାରୀ ଦରରେ ଧାନ ବିକିବା ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ୧୩ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୧୦୫ଟି ସେବା ସମବାୟ ସମିତି ଓ ୪୭ଟି ସ୍ୱୟଂସହାୟକ ଗୋଷ୍ଠୀ ଧାନକିଣାରେ ନିୟୋଜିତ କରାଯାଇଛି।




ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ।

## ଖୋଲିଲା ମଣ୍ଡି, ସଂଗ୍ରହ ହେଲାନି ଧାନ



ଗୁଆମାଳର ଗଣପତି ଏସ୍ଏଚ୍‌ଜିର ମଣ୍ଡି ଉଦ୍‌ଘାଟନ କରାଯାଉଛି।

ତିହିଡ଼ି,୫।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ୪ଟି ସମବାୟ ସମିତି ଓ ଗୋଟିଏ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ରେ ସୋମବାର ମଣ୍ଡି ଖୋଲିଥିଲେ ବି ଧାନ ସଂଗ୍ରହ ଆରମ୍ଭ ହୋଇପାରି ନାହିଁ। ସମବାୟ ସମିତି ସହ ରାଇସ୍ ମିଲ୍ ଟ୍ୟାଗ୍ ହୋଇ ନ ଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି। ବ୍ଲକର ଭାଟପଡ଼ା, ବିଲଣା, ବାରସର, ନରେନ୍ଦ୍ରପୁର ସମବାୟ ସମିତି ଏବଂ ଗୁଆମାଳ ପଞ୍ଚାୟତ କାର୍ଯ୍ୟାଳୟରେ ଗଣପତି ଏସ୍ଏଚ୍‌ଜିରେ ମଣ୍ଡି ଖୋଲିଛି। ଭାଟପଡ଼ା ମଣ୍ଡିକୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ବିଡିଓ ନିରଞ୍ଜନ ବାରିକ, ଏମ୍ଆଇ ପ୍ରୀତିଶ ସାମଲ, ଭିଏଡବ୍ଲ୍ୟୁ ଗୀତାଞ୍ଜଳି ବେହେରା, ସଭାପତି ବିଜୟ ମହାପାତ୍ର, ସମ୍ପାଦକ କୃପାସିନ୍ଧୁ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ଭାଜପା ନେତା ରଘୁନାଥ ପାତ୍ର, ଦେବବ୍ରତ ପାଢ଼ୀ, ବିଜେଡି ନେତା ଗଣେଶ ପ୍ରସାଦ ନାୟକଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ। ସେହିପରି ଗଣପତି ଏସ୍ଏଚ୍‌ଜିର ମଣ୍ଡିକୁ ସରପଞ୍ଚ ମାମିନା ଜେନା ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀର ସଭାନେତ୍ରୀ ଶାନ୍ତିଲତା ଶତପଥୀ, ସମ୍ପାଦିକା ମିତାଞ୍ଜଳି ଜେନା, ପିଇଓ ଅରୁଣ କୁମାର ପଣ୍ଡା, ଭିଏଡବ୍ଲ୍ୟୁ ଆଲୋକ ମଲ୍ଲିକ, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ଜୟ ମା' ଦୁର୍ଗା ଗୋଷ୍ଠୀ ସଭାନେତ୍ରୀ ସ୍ୱର୍ଣ୍ଣଲତା ଜେନା, ସମ୍ପାଦିକା କନକଲତା ଜେନାଙ୍କ ସମେତ ସୁଧାଂଶୁ ପାଣିଗ୍ରାହୀ, ଭରତ ଚନ୍ଦ୍ର ସାହୁ, ରଞ୍ଜିତ ଜେନା, ତପନ ପାଢ଼ୀ, ସତ୍ୟାନନ୍ଦ ପାଣିଗ୍ରାହୀ, ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବାରସର ସମିତି ମଣ୍ଡିକୁ ସଭାପତି ମାନସ ରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ସମ୍ପାଦିକା ସତ୍ୟଭାମା ବିଶ୍ୱାଳ, ଡିଇଓ ପ୍ରଫୁଲ୍ଲ ବଳ, ପୂର୍ବତନ ସରପଞ୍ଚ ରାଜାରାମ ମହାକୁଡ଼, ପୂର୍ବତନ ସଭାପତି ନୃସିଂହ ମହାକୁଡ଼, ପ୍ରଭାତ ମହାକୁଡ଼, ବିଜୟ ବାରିକ, ଦୀନବନ୍ଧୁ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ନରେନ୍ଦ୍ରପୁର ସମିତି ମଣ୍ଡିକୁ ସଭାପତି କୁଳମଣି ସାମଲ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମାୟାଧର ବେହେରା, ସହସମ୍ପାଦକ ସୃଷ୍ଟିଧର ରଣା, ଚୈତନ୍ୟ ଲେଙ୍କା, ବେଣୁଧର ମହାଲିକ, ମନୀନ୍ଦ୍ର ମାଝୀ, ଧନେଶ୍ୱର ପଲାଇ, ରବୀନ୍ଦ୍ର ଧଳ, ଗଙ୍ଗାଧର ବାରିକ, ରବୀନ୍ଦ୍ର ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏସବୁ ମଣ୍ଡିରେ ରାଇସ୍ ମିଲ୍ ଟ୍ୟାଗ୍ ହେବା ପରେ ବୁଧବାର ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି ଜଣାଯାଇଛି।

## ମଧ୍ୟାହ୍ନଭୋଜନ ରୋଷେଇ ବନ୍ଦ, ଉପାସ ରହିଲେ ଛାତ୍ରୀଛାତ୍ର

ବାସୁଦେବପୁର,୫।୧(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ଶୁକଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନଭୋଜନ ରୋଷେଇ କରାଯାଇ ନାହିଁ। ଫଳରେ ବିଦ୍ୟାଳୟରେ ପଢୁଥିବା ୧୩୩ ଛାତ୍ରୀଛାତ୍ର ଉପାସ ରହିଛନ୍ତି। ମଧ୍ୟାହ୍ନଭୋଜନ ପାଇଁ ଟଙ୍କା ମିଳି ନ ଥିବାରୁ ରୋଷେଇ ହୋଇନାହିଁ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର କାଠ କହିଛନ୍ତି। ଘଟଣାକୁ ନେଇ ଏବିଇଓ ଅମିୟ କୁମାର ମହାଲିକ ସିଆର୍‌ସିସି ସର୍ବେଶ୍ୱର ମଲିକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବା ସହ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିବା ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ଏହି ବିଦ୍ୟାଳୟରେ ପୂର୍ବରୁ ଜଣେ ଛାତ୍ରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ବାରମ୍ବାର ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ମଧ ଅଭିଯୋଗ ହେଉଥିଲା। ବାରମ୍ବାର ଏଭଳି ଘଟୁଥିବା ଘଟଣାକୁ ନେଇ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଥଇଥାନ ଦାବିକଲେ ଉଠାଦୋକାନୀ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗ କରିବାକୁ ଆସିଥିବା ଦୋକାନୀମାନେ।

ଭଦ୍ରକ,୫।୧(ସନାତନ ରାଉତ)

### ଉଚ୍ଛେଦକୁ ଦେଢ଼ବର୍ଷ ବିତିଲା

ଭଦ୍ରକ ସହରରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ସୋମବାର ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଥଇଥାନ ପାଇଁ ଦାବି ଜଣାଇଛନ୍ତି। ୨୦୨୪ ଅଗଷ୍ଟ ୫ରେ ସହରରେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ଉଚ୍ଛେଦକୁ ପ୍ରାୟ ଦେଢ଼ବର୍ଷ ବିତିଯାଇଥିଲେ ମଧ ସେମାନଙ୍କୁ ଥଇଥାନ କରାଯାଇ ନାହିଁ। ଭେଣ୍ଡିଂଜୋନ୍ କରି ଥଇଥାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଉଚ୍ଛେଦ ହୋଇଥିବା ଦୋକାନୀମାନେ ପରିବାର ପ୍ରତିପୋଷଣ ଚିନ୍ତାରେ ରହିଛନ୍ତି ବୋଲି ଶ୍ରମିକ ନେତା ଦିବ୍ୟସିଂହ ନାୟକ କହିଛନ୍ତି। ଶତାଧିକ ଦୋକାନୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡ, ଜେଲ ପରିସର, ପୁରୁଣା କୋର୍ଟ ପରିସର ଓ ସବ୍ କଲେକ୍ଟରଙ୍କ ବାସସ୍ଥଳୀ, ଶନିମନ୍ଦିର ଆଦି ସ୍ଥାନରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରି ସେଠାରେ ଭେଣ୍ଡିଂଜୋନ୍ କରି ଦୋକାନୀମାନଙ୍କୁ ଥଇଥାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଶ୍ରମିକ ନେତା ନାୟକଙ୍କ ସହ ସେକ୍ ସର୍ଫରାଜ୍, ବସିର୍ ଖାଁ, ମମତାଜ ଖାଁ, ଅଜୟ ସାହୁ, ପ୍ରଭାକର ରାଉତ, ଅକ୍ଷୟ ସାହୁ, ବାବୁ ଖାଁ, ଅଜୟ ସିଂହ, ଅନସର ଅଲ୍ଲୀ, ସେକ୍ ସତରୁଦ୍ଦିନ, ସେକ୍ କମର, କାଲୁ ଖାଁ, ମହେଶ୍ୱର ପାଣିଗ୍ରାହୀ, ରାଜେନ୍ଦ୍ର ବେହେରା ପ୍ରମୁଖ ଜିଲା ପ୍ରଶାସନକୁ ଭେଟି ଆଲୋଚନା କରିଥିବା ବେଳେ ଦାବି ପୂରଣ କରା ନ ଗଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## 'ଓଡ଼ିଶା ରାଜନୀତି ପାଇଁ ଅନ୍ତୁଡ଼ିଶାଳ ଭଦ୍ରକ ମାଟି'



ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

ଭଦ୍ରକ, ୫।୧(ରବିନାରାୟଣ ଖିଲାର)

ଓଡ଼ିଶା ରାଜନୀତି ପାଇଁ ଭଦ୍ରକ ମାଟି ଅନ୍ତୁଡ଼ିଶାଳ ସାଜିଛି। ଏହି ମାଟିର ଯଶସ୍ୱୀ ସନ୍ତାନ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ବିପ୍ଳବୀ ଚକ୍ରଧର ବେହେରାଙ୍କ ଭଳି ବହୁ ବରପୁତ୍ର ଓଡ଼ିଶାର ନେତୃତ୍ୱ ନେବା ସହ ନୂତନ ବୃହତ୍ତର ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ରବିବାର ୩ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହରର ଗାନ୍ଧୀପଡ଼ିଆରେ ଚାଲିଥିବା ମହୋତ୍ସବର ଏହି ସନ୍ଧ୍ୟାରେ 'ଓଡ଼ିଶା ରାଜନୀତି ଜଗତକୁ ଭଦ୍ରକର ଅବଦାନ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ମୁଖ୍ୟବକ୍ତା ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁବାସ ରାମ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଞ୍ଚାର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ମେଲୋଡ଼ି ଓ ଦର୍ଶନ ଏକାଡେମୀ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଉପଦେଷ୍ଟା ସ୍ମୃତିରଞ୍ଜନ ସାହୁ, ହରିହର ନାୟକ, ଅତିସ ବେହେରା, ଉମା କଲ୍ୟାଣ ମହାପାତ୍ର, ଯୁବନେତା ଅଶୋକ ନାୟକ, କାଉନସିଲର ସେକ ସଇଦ, ସଙ୍ଗଠନ ସମ୍ପାଦକ ଜଗବନ୍ଧୁ ବେହେରା,ରାଜେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଜନଶୁଣାଣି ଶିବିର: ୧୯୨ ଅଭିଯୋଗ, ୪୫ଟିର ତତ୍କାଳ ସମାଧାନ

ଭଦ୍ରକ,୫।୧(ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଏବଂ ଏସ୍‌ପି ମନୋଜ ରାଉତ ଯୋଗଦେଇ ଶିବିରରେ ଆଗତ ମୋଟ ୧୯୨ଟି ଅଭିଯୋଗ ଶୁଣିଥିଲେ। ୧୪୦ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିବା ବେଳେ ୨୧ଟି ସାମୂହିକ, ୨୯ଟି ରେଡ୍‌କ୍ରସ ସମ୍ବନ୍ଧୀୟ ଓ ୨ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଆସିଥିଲା। ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ, ରାଶନ କାର୍ଡରେ ନାମ ସଂଯୋଗ, ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା ଆଦି ସମ୍ପର୍କିତ ଅଧିକାଂଶ ଅଭିଯୋଗ ରହିଥିଲା। ଶିବିରରେ ୪୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ରେଡ୍‌କ୍ରସ୍‌ରୁ ୧ ଲକ୍ଷ ୬୯ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଟଙ୍କା ମୋଟ ୧ ଲକ୍ଷ ୮୯ ହଜାର ଟଙ୍କା ସହାୟତା ମଞ୍ଜୁର କରାଯାଇଛି। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଶିବିରରେ ଯୋଗ ଦେଇଥିଲେ।

## ଶୀତ ଆସର, କବିତା ପାଠୋତ୍ସବ

ଧାମନଗର,୫।୧
(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ୍‌ର ଦୋବଲ କାଳୀପଡ଼ିଆସ୍ଥିତ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତିଠାରେ ରବିବାର ସନ୍ଧ୍ୟାରେ ନୃସିଂହ ସାହିତ୍ୟ ପରିଷଦ ପକ୍ଷରୁ ଶୀତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ହୃଦାନନ୍ଦ କର ଏଥିରେ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଶିବମ ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଭୂପେଶ ମିଶ୍ର, ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଗୋହିରାଟିକିରି ମଠର ମହନ୍ତ ବିଶ୍ୱଧର ଦାସ, ବୈଦିକ ସମିତିର ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ କୁମାର ନାୟକ, ସାହିତ୍ୟିକ ଅନିଲ କୁମାର ବାରିକ, ନିରାକାର ଧଳ, ଦୈତାରୀ ଦାଶ, ଘନଶ୍ୟାମ ଥାଟେଇ, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଆଜିର ନୂତନ ପିଢ଼ି ସାହିତ୍ୟ ପ୍ରତି ରୁଚି ରଖିଲେ ସମାଜର ଉନ୍ନତି ସମ୍ଭବ ବୋଲି ଅତିଥିମାନେ କହିଥିଲେ। କବି କୁଳମଣି ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ରାଧାଶ୍ୟାମ ପଣ୍ଡା, ଜଗନ୍ନାଥ ନାୟକ, ରୀତାରାଣୀ ରାଉତ, ପୁଷ୍ପିତା ମିଶ୍ର, ବିଶ୍ୱନାଥ ବେହେରା, ରଣଜିତ ରଥ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସରପଞ୍ଚ ଅଶୋକ କୁମାର ପଣ୍ଡା, ପ୍ରଭାତ କୁମାର ସାମଲ, ପ୍ରିୟରଞ୍ଜନ ସାମଲ, ସିଦ୍ଧେଶ୍ୱର ସାମଲ, ଭାଗବତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଜେନା, ଅଭିମନ୍ୟୁ ମଲ୍ଲିକ, କମଳାକାନ୍ତ ଦାସ, ପ୍ରଶାନ୍ତ କୁମାର ସାହୁ, ବୁଦ୍ଧିରାମ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେବାନିବୃତ୍ତ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଦ୍ୱାରା ରଚିତ 'ଗୋହିରାଟିକିରିରୁ ଷୋଳମପୁର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପରିଷଦ ପକ୍ଷରୁ ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ମନୋଜ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମହିଳା ମହାବିଦ୍ୟାଳୟ ବିଜ୍ଞାନ ବିଭାଗରୁ ଚୋରି

ଭଦ୍ରକ,୫।୧(ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟର ବିଜ୍ଞାନ ବିଭାଗରୁ ରବିବାର ରାତିରେ ତାଲା ଭାଙ୍ଗି ଚୋରି ହୋଇଛି। ଦୁର୍ବୃତ୍ତମାନେ ରସାୟନ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ଗୃହର ତାଲା ଭାଙ୍ଗି ଇନ୍‌ଭର୍ଟର ବ୍ୟାଟେରି, ପାଣି ଟ୍ୟାପ୍ ଚୋରି କରି ନେଇଥିବା ବେଳେ ପାଣି ପାଇପ୍‌କୁ ପଥରରେ ଛେଚି ନଷ୍ଟ କରିଦେଇଛନ୍ତି। ଏନେଇ ଭାରପ୍ରାପ୍ତ ଅଧକ୍ଷ ଡ. ଅଭୟ ଦାସ ସୋମବାର ଟାଉନ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିବା ବେଳେ କଲେଜ ପଛପଟ ବସ୍ତିର ଏକ ଘର ପାଖରେ କୁକୁର ପହଞ୍ଚିଥିଲା। ଉକ୍ତ ଘରେ ତାଲା ପଡ଼ିଥିବା ବେଳେ ପୋଲିସ ତାଲା ଭାଙ୍ଗି ତଦନ୍ତ କରିଥିଲେ ମଧ କୌଣସି ଚୋରି ସାମଗ୍ରୀ ମିଳିନାହିଁ। ଘର ମାଲିକ ନ ଥିବାବେଳେ ସ୍ଥାନୀୟ ଲୋକଙ୍କୁ ସେ ପହଞ୍ଚିଲେ ଥାନାରେ ଦେଖା କରିବା ପାଇଁ ପୋଲିସ କହିଛି।

## ଜଗନ୍ନାଥ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,୫।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ସଭାପତି ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାଜପା ନେତା ବଦ୍ରୀନାରାୟଣ ଧଳ, ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ପତି, ବିଦ୍ୟାଳୟ ପ୍ରତିଷ୍ଠାତା ଅରୁଣୋଦୟ ଖିଲାର ଓ ସରପଞ୍ଚ ଅମୂଲ୍ୟ ନାୟକ ଯୋଗଦେଇ ବିଦ୍ୟାଳୟର ଅତୀତ, ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଅଜୟ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପ୍ରଫୁଲ୍ଲ ସାମଲ ଏବଂ ଜିଲାପାଳ ଦିଲୀପ ରାଉତରାଏ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଯୁବନେତା ସୁରେଶ ସାମଲ ସ୍ୱାଗତ ଭାଷଣ, ପ୍ରଭାତ ଖିଲାର ଅତିଥି ପରିଚୟ ପ୍ରଦାନ ଓ ପ୍ରମୋଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ନିର୍ମଳ, ବାସୁଦେବ ଗୋଚ୍ଛାୟତ, ସୁବର୍ଣ୍ଣ ଜୟନ୍ତୀ କମିଟିର ସଦସ୍ୟଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ତିହିଡ଼ି,୫।୧(ସଞ୍ଜିତ ବଳ)

ତିହିଡ଼ି ତହସିଲ ପୀରହାଟ ଥାନା ଅଧୀନ ଛତ୍ରପଦା ଗ୍ରାମର ପଣ୍ଡିତସାହିରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏମ୍‌ପି ଅଭିମନ୍ୟୁ ସେଠୀ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଅଗ୍ନିବିପନ୍ନ ପରିବାରଙ୍କୁ କମ୍ବଳ, ପାଲ, ଶାଢ଼ି ସହ ବିଭିନ୍ନ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଜିଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀ ମଧ ସହାୟତା ପ୍ରଦାନ କରିଛନ୍ତି। ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଭାଜପା ମଣ୍ଡଳ ସଭାପତି ଅଜୟ କୁମାର ମହାନ୍ତି, କେଶବ ବେହେରା, ନରେନ୍ଦ୍ରପୁର ସରପଞ୍ଚ ଦୀପ୍ତିମୟୀ ନାୟକ, ସମିତିସଭ୍ୟ ଧର୍ମାନନ୍ଦ ଧଳ, ମୁକ୍ତିକାନ୍ତ ନାୟକ, ରାଜାରାମ ମହାକୁଡ଼ ପ୍ରମୁଖ ଅଗ୍ନିବିପନ୍ନମାନଙ୍କୁ ଭେଟିଛନ୍ତି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଅଗ୍ନିବିପନ୍ନଙ୍କ ପାଇଁ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିଥିବା ବେଳେ ଗ୍ରାମବାସୀ ଓ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ମଧ ରନ୍ଧା, ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଛି।

## ଷ୍ଟ୍ରିଟଲାଇଟ୍ ଖୁଣ୍ଟରେ ମାଳ ମାଳ ପୋଷ୍ଟର

### ଯାତ୍ରୀ, ପଥଚାରୀଙ୍କ ଜୀବନ ପ୍ରତି ବିପଦ

ବାସୁଦେବପୁର,୫।୧
(ନାରାୟଣ ପ୍ରସାଦ ବାରିକ୍)



ବାସୁଦେବପୁର ଏବି ହାଇସ୍କୁଲ ଗୋଲେଇ ଛକରେ ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟରେ ଲାଗିଥିବା ପୋଷ୍ଟର।

ବାସୁଦେବପୁର ମୁଖ୍ୟ ସହର ଏକ ଜନଗହଳିପୂର୍ଣ୍ଣ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବା ବେଳେ ଏହି ମୁଖ୍ୟ ବଜାର ଦେଇ ଧାମରାରୁ ଜାମୁଝାଡ଼ି ପ୍ରତିରକ୍ଷା ବିଭାଗ ରାସ୍ତା ଜାତୀୟ ରାଜପଥକୁ ସଂଯୋଗ କରିଛି। ଧାମରା ବନ୍ଦରକୁ ପ୍ରତିଦିନ ଶତାଧିକ ଆଇରନ ବୋଝେଇ ଟ୍ରକ୍ ଚଳାଚଳ କରୁଥିବା ବେଳେ ଏହି ରାସ୍ତାରେ ଦୁର୍ଘଟଣା ବୃଦ୍ଧି ପାଉଛି। ଏହି ପ୍ରମୁଖ ରାସ୍ତାଟି ଏବେ ଯାତ୍ରୀ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗୁରୁତର ଟ୍ରାଫିକ ସମସ୍ୟା ବଢ଼ାଉଥିବା ବେଳେ ଏହା ଜିଲା ଓ ସ୍ଥାନୀୟ ପ୍ରଶାସନର ଚିନ୍ତାର କାରଣ ହୋଇଛି। ସହର ମଧ୍ୟରେ ଥିବା ଯାତାୟାତର ପ୍ରମୁଖ ରାସ୍ତାକୁ ଓସାରିଆ କରାଯିବା ସହ ରାସ୍ତା ମଝିରେ ଦୁଇ ଫୁଟ୍‌ର ଡିଭାଇଡର କରାଯାଇ ଏହା ମଝିରେ ସହରର ଆଲୋକୀକରଣ ପାଇଁ ଷ୍ଟ୍ରିଟଲାଇଟ୍ ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ଯୋଗାଣ ମଧ ହେଉଛି। କିନ୍ତୁ ଏବେ ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟରେ ମାଳ ମାଳ ପୋଷ୍ଟର ଲାଗିଛି। ନବବର୍ଷ ପାଇଁ ଶତାଧିକ ସଂଖ୍ୟାରେ ରାଜନେତା ଓ ଯୁବନେତାଙ୍କର କଟ୍‌ଆଉଟ ପୋଷ୍ଟର ଲଗାଯାଇଥିବାରୁ ଏହା ଟ୍ରାଫିକ ସମସ୍ୟାକୁ ବହୁଗୁଣିତ କରିଛି। ମଝି ରାସ୍ତାରେ ଷ୍ଟ୍ରିଟଲାଇଟ୍ ଖୁଣ୍ଟରେ କଟ୍‌ଆଉଟ ପୋଷ୍ଟର (ଆଲୁମିନିୟମ୍ ଫ୍ରେମ୍)ରେ ଲଗାଯାଇଥିବାରୁ ଏହା ଯାତ୍ରୀ, ପଥଚାରୀ, ବାଇକ୍ ଚାଳକ ତଥା ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସାଜିଛି। ହେଲେ ଏଥିପ୍ରତି ପୌରପାଳିକା, ପୋଲିସ ଓ ପ୍ରଶାସନର ନଜର ନ ପଡ଼ିବା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ନବବର୍ଷର ଶୁଭେଚ୍ଛା ପୋଷ୍ଟର କଟ୍‌ଆଉଟ୍‌ଗୁଡ଼ିକ ରାସ୍ତାର ଦୁଇପାର୍ଶ୍ୱରେ ଲଗାଯାଇଥିଲେ ଟ୍ରାଫିକ ସମସ୍ୟାକୁ ଏଡ଼ାଯାଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପୋଷ୍ଟରଗୁଡ଼ିକୁ ତୁରନ୍ତ ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟରୁ ହଟାଇ ଦିଆଗଲେ ବହୁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରନ୍ତା। ଏ ବାବଦରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କୁ ପଚାରିବାରୁ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ମିଲରଙ୍କ ଧର୍ମଘଟ, ଚାଷୀ ହତାଶ

- ମୟୂରଭଞ୍ଜରେ ଧାନକିଣା ବନ୍ଦ
- ୧୦୩ ମଣ୍ଡି ଓ ୫୨ ଲ୍ୟାମ୍ପ୍ସ ମାଧମରେ ୧୩.୮୨ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ
- ଖୋଲିଛି ୯୭ ମଣ୍ଡି, କିଣା ହୋଇଛି ୮୩ ହଜାର କୁଇଣ୍ଟାଲ ଧାନ

ବାରିପଦା, ୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଖରିଫ ୨୦୨୫-୨୬ ବର୍ଷ ପାଇଁ ସରକାରୀ ଧାନ କିଣା ସୋମବାରଠାରୁ ବନ୍ଦ ରହିଛି। ରାଜ୍ୟ ମିଲର ସଂଘର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲାର ୧୭ ମିଲର ଧର୍ମଘଟରେ ସାମିଲ ହୋଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ୯୭ଟି ମଣ୍ଡିରେ ଡିସେମ୍ବର ୨୬ରୁ ଜାନୁଆରୀ ୩ ତାରିଖ ୯ଦିନ ମଧ୍ୟରେ ୮୩ ହଜାର ୧୫୮.୨୧ କୁଇଣ୍ଟାଲ ଧାନ କିଣାଯାଇଛି। ଉଦଳା ଉପଖଣ୍ଡର ୪ଟି, କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡର ଗୋଟିଏ ଲେଖାଏକୁ ମିଶାଇ ୬ଟି ମଣ୍ଡି ଅଦ୍ୟାବଧି ଖୋଲି ପାରିନି ।

ଗୋଟିଏ ପଟେ ସ୍ୟାଟେଲାଇଟ ସର୍ଭେ ଓ କେୱାଇସି ଭେରିଫିକେଶନ ଧାନକିଣାରେ ବାଧକ ସାଜିଥିବା ବେଳେ ମିଲର ଧର୍ମଘଟ ଯୋଗୁ ମଣ୍ଡି ଖୋଲିବାରେ ସମସ୍ୟା ଉପୁଜିଛି। ଏହାର ଫାଇଦା ଉଠାଇ ଦଲାଲମାନେ ଗାଁ ଗାଁରେ ପଶି ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣି କୁଇଣ୍ଟାଲ କୁଇଣ୍ଟାଲ ଧାନ ମହଜୁଦ କରି ରଖି ମଣ୍ଡିରେ ବିକ୍ରି କରିବା ମସୁଧା ଚଳାଇଛନ୍ତି। ମୟୂରଭଞ୍ଜ ଓଡ଼ିଶାର ସୀମାନ୍ତ ଜିଲା ହୋଇଥିବାରୁ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ କମ୍ ଦରରେ ଧାନ କିଣି ଦଲାଲମାନେ ମୟୂରଭଞ୍ଜ ଜିଲା ମଣ୍ଡିରେ ବିକ୍ରି ପାଇଁ ମସୁଧା କରୁଛନ୍ତି। ଶନିବାର ରାଇରଙ୍ଗପୁର ଅଞ୍ଚଳରେ ବିପୁଳ ଧାନ ଜବତ ହେବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ତେବେ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୪୦୦ରୁ ଅଧିକ ଟୋକନ ବଣ୍ଟନ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫୬୦ଟି ଟୋକନ ଦିଆଯାଇଛି। ଏହାର ଅବଧି ଏକ ମାସ ରହିଥିବାବେଳେ ଏହି ସମୟ ଯିବା ପରେ ପୁନଃ ଟୋକନ ପ୍ରଦାନ ନେଇ ସମସ୍ୟା ଉପୁଜିବ। ଏହାର ସୁଯୋଗ ନେଇ ଧାନ ବିକ୍ରିରେ ଚଞ୍ଚକତା ଦେଖିବାକୁ ମିଳିଛି। ପ୍ରର୍ଯ୍ୟାୟକ୍ରମେ ଜିଲାର ୫୫ ହଜାର ୯୩୮ ପଞ୍ଜିକୃତ ଚାଷୀଙ୍କଠାରୁ ୧୦୩ ମଣ୍ଡି ଓ ୫୨ଟି ଲ୍ୟାମ୍ପ୍ସ ମାଧ୍ୟମରେ ୧୩ ଲକ୍ଷ ୮୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ବାହାର ଜିଲାରୁ ଆସିବାକୁ ଥିବା ଚୋରା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନ ଘଟିବା ,ଚାଷୀମାନେ ଯେପରି କଟଣି ଛଟଣିର ଶିକାର ନ ହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅବକାରୀ ଚଢ଼ାଉ, ୩ ଗିରଫ

କରଞ୍ଜିଆ, ୫।୧ (କବିତା ମହାନ୍ତ)

କରଞ୍ଜିଆ ଅବକାରୀ ବିଭାଗ ତରଫରୁ ସୋମବାର ଭଅଁରା ଗ୍ରାମରେ ଅତର୍କିତ ଚଢ଼ାଉ କରାଯାଇ ୫୧ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ଅବକାରୀ ସବ ଇନ୍ସପେକ୍ଟର ରଶ୍ମିରଞ୍ଜନ ନାୟକ ଓ କର୍ମଚାରୀ ଭଅଁରା ଗ୍ରାମରେ ଚଢ଼ାଉ କରିଥିଲେ। ଏହି ସମୟରେ ଗ୍ରାମର ଚୁନା ମଡ଼େଇ, ବଟ ହୋ ଓ କିସାନ ସୟ ମଦ କାରବାର କରୁଥିବା ଦେଖି ଅବକାରୀ ଟିମ୍ ସେମାନଙ୍କୁ ଗିରଫ କରିଥିଲା। ଏମାନଙ୍କ ନିକଟରୁ ୫୧ଲିଟର ମହୁଲି ମଦ ଜବତ କରାଯାଇଥିଲା। ଆଗାମୀ ଦିନରେ ବେଆଇନ ମଦ କାରବାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସବ ଇନ୍ସପେକ୍ଟର ନାୟକ ପ୍ରକାଶ କରିଛନ୍ତି।

## ୨୪୨ ଅଭିଯୋଗର ହେଲା ଶୁଣାଣି



ବାରିପଦା,୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦରମହକୁମା ବାରିପଦାଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ,ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ, ଅତିରିକ୍ତ ଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲାପାଳ ଡ.ଦୟାସିନ୍ଧୁ ପରଡ଼ା, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସଡା. କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ବାରିପଦା ଉପଖଣ୍ଡର ସର୍ବମୋଟ ୨୪୨ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ଅଭିଯୋଗ ମଧ୍ୟରୁ ୨୧୭ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୨୫ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ଗୋଟିଏ ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ବଳଦ,ଛେଳି ମାରିଲା ବାଘ

### ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଆତଙ୍କ

ଠାକୁରମୁଣ୍ଡା, ୫।୧ (ତାରାକାନ୍ତ ପଟ୍ଟନାୟକ)

କିଛି ଦିନର ବ୍ୟାବଧାନ ପରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ଏହି ରେଞ୍ଜ ଅନ୍ତର୍ଗତ ଚମ୍ପାଝର ଗ୍ରାମପଞ୍ଚାୟତ ଡଙ୍ଗାଡ଼ିହା ଗ୍ରାମରେ ବାଘ ଆକ୍ରମଣରେ ୩ଟି ଛେଳି ଓ ଗୋଟିଏ ବଳଦର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଡଙ୍ଗାଡିହା ଗାଁ ବଙ୍ଗଳା ସାହିରେ ଗତ ୩୧ ରାତିରେ ବାଘ ୩ଟି ଛେଳିକୁ ଆକ୍ରମଣ କରି ମାରି ଦେଇଥିଲା। ଏଥିରେ ଖୁଦିରାମ ଟୁଡୁଙ୍କ ୨ଟି ଏବଂ କରଣ ହାଁସଦାଙ୍କ ଗୋଟିଏ ଛେଳି ଥିବା ଜଣାପଡ଼ିଛି। ରବିବାର ବିଳମ୍ବିତ ରାତିରେ ସେହି ସାହିର ଚାନ୍ଦୁ ମୁଣ୍ଡାଙ୍କ ଗୁହାଳରେ ଥିବା ଏକ ବଳଦକୁ ବାଘ ଟାଣି ନେଇ ମାରିଦେଇଥିବା ଜଣାପଡିଛି। ସୋମବାର ସକାଳେ ଖବରପାଇ ବନ କର୍ମଚାରୀ ଓ ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ କରିଥିଲେ। ପ୍ରାଥମିକ ତଦନ୍ତରୁ ଏହା କଲରାପତରିଆ ବାଘ ବୋଲି ଜଣାପଡିଛି।

## 'ମୋବାଇଲର ସଦୁପଯୋଗ କର'



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବାରିପଦା, ୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଗୋଡ଼ିପୋଖରୀ ଏସ୍‌ଏସ୍‌ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟବ୍ରତ ମିଶ୍ର ସଭାରେ ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଯୋଗଦେଇ ଚାରିଯୁଗର ଉଦାହରଣ ଦେଇ ଭବିଷ୍ୟତରେ ଭଲ ମଣିଷ ହେବାପାଇଁ ବାର୍ତ୍ତା ଦେଇଥିଲେ। ମୁଖ୍ୟବକ୍ତାଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଯୋଗଦେଇ ଜୀବନ କୌଶଳ ଶିକ୍ଷା ସହ ମୋବାଇଲର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ସଦରର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ବାରିପଦା ଆଇଟିଡିଏର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସ୍ମୃତିଲିପି ସାହୁ ଓ ୪୯ନଂ. ଜୋନର ଜିଲା ପରିଷଦ ସଦସ୍ୟ ମଧୁସୂଦନ ସିଂ ସ୍ୱତନ୍ତ୍ର ଅତିଥି ଏବଂ ଶ୍ୟାମାଖୁଣ୍ଟା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଲୋନୀ ସେଠୀ, ସିଡିପିଓ ସୁରେଖା ପଟ୍ଟନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କୁନା ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଜଳସେଚନ ପ୍ରକଳ୍ପ ବନ୍ଦ

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

ବୈଶିଙ୍ଗା,୫।୧୨ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତର ଗବପାଳସ୍ଥିତ ଉଠାଜଳସେଚନ ପ୍ରକଳ୍ପ ପାଇଁ ଥିବା ୨୫ କେଭି ଟ୍ରାନ୍ସଫର୍ମରରୁ ଦୁର୍ବୃତ୍ତମାନେ ମୂଲ୍ୟବାନ କଏଲ ଚୋରି କରି ନେଇଛନ୍ତି। ସ୍ଥାନୀୟ ଗବପାଳ ଗ୍ରାମର ଚାଷୀ ସୁନ୍ଦରମୋହନ ମହାନ୍ତଙ୍କ ସୂଚନା ମୁତାବକ, ୧୬ ହେକ୍ଟର ଖରିଫଚାଷ ଏବଂ ୮ହେକ୍ଟର ରବିଚାଷ ପାଇଁ ରାଜ୍ୟସରକାରଙ୍କ ଉଠାଜଳସେଚନ ନିଗମ ପକ୍ଷରୁ ୧୩ ଲକ୍ଷ ୪୮ ହଜାର ଟଙ୍କାରେ ୨୦୧୭ରେ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଅଞ୍ଚଳର ଏକାଧିକ ଚାଷୀ ଉଭୟ ଖରିଫ ଏବଂ ରବି ଧାନଚାଷ କରିଆସୁଥିଲେ । ତେବେ ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଗବପାଳଠାରେ ଜଳସେଚନ ପାଇଁ ଉଦ୍ଦିଷ୍ଟ ୨୫କେଭି କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମରରୁ ମୂଲ୍ୟବାନ କଏଲ ଚୋରି କରି ନେଇଛନ୍ତି। ଘଟଣା ଜଣାପଡିବା ପରେ ରବିବାର ଟାଟାପାୱାର ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ ପୂର୍ବକ ସ୍ଥିତି ସମୀକ୍ଷାକରି ଫେରିଛନ୍ତି। ପାଣିପଞ୍ଚାୟତ ପକ୍ଷରୁ ମଧ୍ୟ ଉଠାଜଳସେଚନ ମୂଲ୍ୟବାନ କଏଲ ଚୋରି ନେଇ ପ୍ରକଳ୍ପର ଯନ୍ତ୍ରୀ ଏବଂ ଅଧିକାରୀଙ୍କୁ ଅବଗତ କରାଯାଇଛି। ପରବର୍ତ୍ତି ସମୟରେ ବିଭାଗୀୟ ଅଧିକାରୀ ଓ ପାଣିପଞ୍ଚାୟତର ସଦସ୍ୟମାନେ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଛନ୍ତି।



ଦୁର୍ବୃତ୍ତମାନେ ଟ୍ରାନ୍ସଫର୍ମର ଭାଙ୍ଗି କଏଲ ଚୋରି କରି ନେଇଛନ୍ତି।

## ସାଇ କଳା ଏକାଡେମୀର ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବାରିପଦା,୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମୁର୍ଗାବାଡିସ୍ଥିତ ସାଇ କଳା ଏକାଡେମୀର ୨୧ତମ ବାର୍ଷିକ ଉତ୍ସବ ଓ ଚିତ୍ର କଳା ପ୍ରଦର୍ଶନୀ ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ରାଜକିଶୋର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପ ଜିଲାପାଳ ଡ ଦୟାସିନ୍ଧୁ ପରିଡା, ମୁଖ୍ୟ ବକ୍ତା ଭାବେ ଖବରଦାତା ସଞ୍ଜୟ କୁମାର ଚୌଧୁରୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଗୌତମ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘର ସଭାପତି ପ୍ରବୀର କୁମାର ବସା ଏବଂ ରାଜ୍ୟ ଭାଜପାର କାର୍ଯ୍ୟକାରୀ ସଦସ୍ୟ ଜୀବନ କୁମାର ସାହୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ରାଜକିଶୋର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଭାରତୀ ଭୂଷଣ ନାୟକ, ସାମାଜିକ କର୍ମୀ ଶରତ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ଦୀପକ କୁମାର ନାୟକ, ନୃତ୍ୟ ଗୁରୁ ଦେବାନନ୍ଦ ପାତ୍ର, ରାଷ୍ଟ୍ରପତି ପୁରସ୍କାର ପାଇଥିବା ସାଇ କଳା ଏକାଡେମୀର ଛାତ୍ରୀ ସୁଦୀକ୍ଷା ମଣ୍ଡଳ, ତଥା ଶ୍ରେୟାଂଶୁ ବେହେରା, ଜ୍ୟୋର୍ତିମୟ ଦାସ ଏବଂ ଶ୍ରେୟାଂଶି ପାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦାରା ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ସିନିୟର ବର୍ଗରେ ଏମ ସାଇ ଜ୍ୟୋତି, ଏମ ସାଇ ପ୍ରୀତି, ଶ୍ରେୟଂଶୁ ବେହେରା ଏବଂ ନ୍ୟାସା ବେରା, କ୍ରିଷ୍ଣା ଓମୟାସା, ଆଲିଆ ଡୁଙ୍ଗ ଡୁଙ୍ଗ ତଥା ସବ ଜୁନିୟର ବର୍ଗରେ ରିୟାଂଶ ପାତ୍ର, ନତାଶା ଚେଲ, ଅନିମେଷ ସାହୁ, ଆୟୁଷ କୁମାର ପାତ୍ର ଓ ସାଇ ଶତପଥି ପୁରସ୍କୃତ ହୋଇଥିଲେ। ସକାଳେ ଅନୁଷ୍ଠିତ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ୨୮୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ବନପ୍ରଭା ମହାନ୍ତ, ଅପର୍ଣ୍ଣା ପାତ୍ର, ଐଶ୍ୱର୍ଯ୍ୟା ବୁଲବୁଲ, ସୁଭ୍ରା ମହାନ୍ତି, ରବୀନ୍ଦ୍ର କୁମାର ଦାଶ ତଥା ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। କୁନିକୁନି କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଅଧା ରହିଗଲା ମକର ମଉଜ

### ଦୁର୍ଘଟଣାରେ ଚାଲିଗଲା ୩ ଜୀବନ

ଗୋପବନ୍ଧୁ ନଗର, ୫।୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ଦୁର୍ଗାପୂଜାକୁ ଆସିଥିଲେ, ସପ୍ତାହେ ରହି ପୁଣି ନିଜ କର୍ମଭୂମିକୁ ଫେରିଥିଲେ ଦମ୍ପତି। ଯିବା ବେଳେ କହି ଯାଇଥିଲେ ମକରକୁ ଆସିଲେ ଦୁଇ ସପ୍ତାହ ରହିବା ଓ ବାହାରକୁ ଏକାଠି ବୁଲି ବାକୁ ଯିବା। ମାତ୍ର ସମସ୍ତ ଖୁସି ଛଡ଼ାଇ ନେଲା ଦଇବ। ମକର ଆଉ ୧୦ ଦିନ ରହିଛି, ତା ପୂର୍ବରୁ ସଡ଼କ ଦୁର୍ଘଟଣାରେ ଚାଲିଗଲା ୩ ଜୀବନ।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ଗୁଣ୍ଡୁରିଆ ସାହି ଗ୍ରାମର ହାମରାୟ ମୁର୍ମୁ (୪୦) ସୋନପୁର ଜିଲା ଉଠା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ସ୍ତ୍ରୀ କନକଲତା ହାଁସଦା (୩୫) ଆନ୍ଧ୍ର ପ୍ରଦେଶ ସ୍ଥିତ ବିଶାଖାପାଟଣାରେ ସେନା ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ତେବେ ସେ ନୂଆବର୍ଷ ପାଳିବାକୁ ବିଶାଖାପାଟଣାରୁ ଦୁଇ ସନ୍ତାନଙ୍କୁ ଧରି କାର ଡ୍ରାଇଭର ଓ ଅନ୍ୟ ଜଣେ ସମ୍ପର୍କୀୟଙ୍କ ସହ ସ୍ୱାମୀ ରହୁଥିବା ସୋନପୁରରେ ପହଞ୍ଚିଥିଲେ। ତେବେ ପରିବାର ସହ ୩ଦିନ ଖୁସି ମନାଇ ରବିବାର ମଧ୍ୟାହ୍ନ ର କନକଲତା ବାହାରିଥିଲେ ନିଜ କର୍ମଭୂମିକୁ। ସୋମବାର କାର୍ଯ୍ୟରେ ଯୋଗ ଦେଇଥାନ୍ତେ। ମାତ୍ର ବିଧିର ବିଧାନ ଥିଲା ଅତି ଦାରୁଣ। ନିଜ କର୍ମସ୍ଥଳରେ ପହଞ୍ଚିବା ପୂର୍ବରୁ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲାମ ଜିଲା ବାରୁଆ ନିକଟରେ ଦୁର୍ଘଟଣାରେ ଚାଲିଗଲା ୩ ଜୀବନ। କାରରେ ବସିଥିବା କନକଲତା, ତାଙ୍କର ଦୁଇ ସନ୍ତାନ ଝିଅ ଆଦ୍ୟାଶା (୮) ଓ ତିନି ମାସର ଶିଶୁ ପୁତ୍ର ଆଦିତ୍ୟ ଆଖି ବୁଜିଲେ। ତେବେ ତାଙ୍କ ସହ ଜଣେ ସମ୍ପର୍କୀୟ ମହିଳା ଜାନକୀ ହାଁସଦା (୨୫) ଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ସାଥିରେ ଚାଳକ ଥିଲେ ମଧ କନକଲତା ନିଜେ ଗାଡ଼ି ଚଳାଉଥିଲେ। ତେବେ ଗାଡ଼ିରେ ବସିଥିବା ଚାଳକ ନାଗରାଜୁ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ହାମରାୟ ୨୦୦୮ରେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ୨୦୧୩ରେ କନକଲତା ଚାକିରିରେ ଯୋଗ ଦେଇଥିଲେ। ୨୦୧୪ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମଙ୍ଗଳବାର ଜନ୍ମସ୍ଥାନ ଗୁଣ୍ଡୁରିଆ ଗ୍ରାମକୁ ଫେରିବ ବୋଲି ଜଣା ପଡିଛି। ତେବେ ଏହି ଦୁଃଖଦ ଘଟଣା ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଗ୍ରାମର ଶୋକର ଛାୟା ଖେଳିଯାଇଛି।



କନକଲତା ଓ ତାଙ୍କର ୨ ସନ୍ତାନ।

## ପଶ୍ଚିମବଙ୍ଗରୁ ସୁପରଭାଇଜର ଗିରଫ

### ବସ୍ ଯାତ୍ରୀ ଭଡ଼ା ବାବଦ ଟଙ୍କା ଆତ୍ମସାତ୍ ଘଟଣା

ବାରିପଦା,୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଓଏସଆରଟିସିରେ ଲକ୍ଷାଧିକ ଟଙ୍କା ଘୋଟାଲା ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ବିଶୋଇ ବ୍ଲକ ସୁପରଭାଇଜର ଲଳିତ ବାରିକ। ଏନେଇ ବିଶୋଇ ଥାନାରେ ମାମଲା ରୁଜୁ ହେବା ପରେ ସେ ଦୀର୍ଘ ଦିନ ଧରି ଫେରାର ହୋଇଯାଇଥିଲା। ବିଶୋଇ ଥାନା ସବ୍ ଇନ୍ସପେକ୍ଟର ଘନଶ୍ୟାମ ମଲ୍ଲିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ ପୋଲିସ ସହାୟତାରେ ଝାଡ଼ଗ୍ରାମ ଥାନା ଅଧୀନ ରାଧାପଡ଼ା ଗ୍ରାମର ତାଙ୍କ ସମ୍ପର୍କୀୟଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଲଳିତଙ୍କୁ ଗିରଫ କରିଛି ।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ଓଏସଆରଟିସିର ସୁପରଭାଇଜର ଲଳିତ ବାରିକ ବିଶୋଇ ବ୍ଲକ ଦାୟିତ୍ୱରେ ଥିବା ବେଳେ ଗତ ୨୦୨୪-୨୫ ଓ ୨୦୨୫-୨୬ ଦୁଇ ଆର୍ଥିକ ବର୍ଷର ଯାତ୍ରୀଙ୍କ ଭଡା ଟଙ୍କା ୧୭ ଲକ୍ଷ ୩୦ ହଜାର ୪୪୪ ଟଙ୍କା ଆତ୍ମସାତ କରି ନକଲି ବ୍ୟାଙ୍କ ଭାଉଚର କାର୍ଯ୍ୟାଳୟରେ ଡିପୋଜିଟ କରୁଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଓଏସଆରଟିସିର ଅଧିକାରୀମାନେ ଥାନାରେ ଅଭିଯୋଗ ନ କରି ତାଙ୍କ ସହିତ ଆପୋଷ ବୁଝାମଣା କରୁଥିଲେ। ସେ ଆତ୍ମସାତ କରିଥିବା ଅର୍ଥ ମଧ୍ୟରୁ ମାତ୍ର ୧ ଲକ୍ଷ ୬୪ ହଜାର ୫ ଶହ ଟଙ୍କା ପୈଠ କରି ଚୁପଚାପ ବସି ରହିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ପଦାଧିକାରୀମାନେ ବିଶୋଇ ଥାନାରେ ମାମଲା ରୁଜୁ କରିଥିଲେ। ମାମଲା ରୁଜୁ ହେବା ପରେ ସୁପରଭାଇଜର ଲଳିତ ଫେରାର ହୋଇଯାଇଥିଲେ । ତାଙ୍କ ମୋବାଇଲ ଟ୍ରାକିଙ୍ଗ କରି ବିଶୋଇ ପୋଲିସକୁ ଏହି ସଫଳତା ମିଳିଛି । ତଦନ୍ତ ପରେ ଏହି ଅର୍ଥ ଆତ୍ମସାତ ମାମଲାରେ ସେ କେବଳ ଜଡିତ ଅଛନ୍ତି ନା ସଂସ୍ଥାର ଅନ୍ୟ କୌଣସି କର୍ମଚାରୀ ବା ଅଧିକାରୀ ସାମିଲ ରହିଛନ୍ତି ତାହା ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ରୟାଲ୍ସ ପ୍ରିମିୟର ଲିଗ୍: ୩ୟ ଦିନରେ ୪ ମ୍ୟାଚ

ବାରିପଦା,୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟେଶନ ଆଥଲେଟିକ ଆସୋସିଏସନ ଆନୁକୁଲ୍ୟରେ ଆୟୋଜିତ ଏକାଦଶ ବାର୍ଷିକ ରୟାଲ୍ସ ପ୍ରିମିୟର ଲିଗର ୩ୟ ଦିନରେ ୪ଟି ମ୍ୟାଚ ଖେଳା ଯାଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ କାଶୀନାଥ ରଣା ଓ ସମ୍ମାନିତ ଅତିଥି ଭାବେ ବାରିପଦା କ୍ରିକେଟ ଏକାଡେମୀର ସମ୍ପାଦକ ସୁଶାନ୍ତ ଦାସ, ଏପି ଟ୍ରେଡର ମାଲିକ ଅଯୋଧ୍ୟା ପୂର୍ତ୍ତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲିଗର ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେଶନ ଆଥଲେଟିକ ଆସୋସିଏସନର ଉପ ସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଏବଂ କ୍ଲବର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ଜଗନ୍ନାଥ ୱରିୟାର୍ ୭ ଉଇକେଟରେ ଏମାରଜିଙ୍ଗ ଟାଇଟନ ଦଳକୁ ପରାସ୍ତ କରିଥିଲା। ଯଶୋବନ୍ତ ମାଝୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨ୟ ମ୍ୟାଚରେ ପରି ଚ୍ୟାଲେଞ୍ଜର ୭ ଉଇକେଟରେ ଆଞ୍ଚୋଲ ରଣା ଦଳକୁ ପରାସ୍ତ କରିଥିଲା। ଅଭିଜିତ ବାରିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୩ୟ ମ୍ୟାଚରେ ମା' ଅମ୍ବିକା ସୁପର ସ୍ମାସାର ଦଳ ୯ ରନରେ ଭି ରୋର ଦଳକୁ ପରାସ୍ତ କରିଥିଲା । ପ୍ରୀତିଦେବ ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୪ର୍ଥ ମ୍ୟାଚରେ ମା' ତାରିଣୀ ୱରିୟାର ୧୧ ରନରେ ଥ୍ରୀଲୋର ଦଳକୁ ପରାସ୍ତ କରିଥିଲା। ରଥୁ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଲିଆ ଓ ତାପସ ଦେ ଖେଳ ପରିଚାଳନା କରିଥିବା ବେଳେ ସ୍କୋରିଙ୍ଗରେ ବିଭୁ ଓ ମ୍ୟାଚ ରେଫେରୀ ଭାବେ ରାଜେଶ ସାହୁ ସହଯୋଗ କରିଥିଲେ। ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ଡାକ୍ତର ସଂଘ ଆନ୍ଦୋଳନ,ରୋଗୀ ହନ୍ତସନ୍ତ



ଆନ୍ଦୋଳନରତ ଡାକ୍ତରମାନେ।

ବାରିପଦା,୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦୀର୍ଘଦିନ ଧରି ଡାକ୍ତର ସଂଘ ଘଣ୍ଟା ଲେଖାଏ ଓପିଡି କାର୍ଯ୍ୟବନ୍ଦ କରି ଆନ୍ଦୋଳନ ଜାରି ରଖିଥିବା ବେଳେ ସୋମବାରଠାରୁ ଏହାକୁ ୨ଘଣ୍ଟାକୁ ବୃଦ୍ଧି କରାଯାଇଛି। ଡାକ୍ତରମାନେ ସକାଳ ୯ଟାଠାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସୁଛନ୍ତି। ୨୦୨୪ ସେପ୍ଟେମ୍ବର ୧୮ଠାରୁ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଯେଉଁ ଦାବି ଉପସ୍ଥାପନ କରାଯାଇଥିଲା ତାହା ଅଦ୍ୟାବଧି ପୂରଣ ହୋଇପାରିନାହିଁ। ଏଥିପାଇଁ ସେପ୍ଟେମ୍ବର ୨୦ରୁ କଳାବ୍ୟାଜ ପିନ୍ଧି ପ୍ରତୀକାତ୍ମକ ଆନ୍ଦୋଳନ ପୂର୍ବକ ସଂଘ ସରକାରଙ୍କୁ ଜଣାଇଥିଲା। ପରେ ଡିସେମ୍ବର ୨୬ରୁ ୧ଘଣ୍ଟା ପାଇଁ ଓପିଡିକୁ ବନ୍ଦ ରଖି ସଂଘ ସରକାରଙ୍କ ସହ ଆଲୋଚନା ପାଇଁ ଦାବି କରିଥିଲା। ଏଥିରେ କୌଣସି ବାଟ ନ ଫିଟିବାରୁ ସୋମବାରଠାରୁ ସକାଳ ୯ରୁ ୧୧ଟାପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ ହୋଇଛି ବୋଲି ସଂଘ ସୂଚନା ଦେଇଛି। ଏହା ଦ୍ୱାରା ଏନ୍ଏଚ୍ଆର୍ଏମ୍‌ର ସମସ୍ତ କାର୍ଯ୍ୟ ପ୍ରଭାବିତ ହେବ, ମିଟିଂ କିମ୍ବା ଟ୍ରେନିଂ କାର୍ଯ୍ୟ ମଧ ପ୍ରଭାବିତ ହେବ। ସରକାର ଦାବି ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡାକ୍ତର ସଂଘ ସୂଚନା ଦେଇଛି ।

## ସଂକ୍ଷେପରେ

### ଲଞ୍ଚ୍‌ରୁ ତେଲ ଚୋରି ମାମଲା, ଥାନାରେ ୩ ଅଟକ

ଲଙ୍ଗଳେଶ୍ୱର, ୫।୧(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ସଦର ବ୍ଲକ ସାର୍ଥା ପଞ୍ଚାୟତ ହଳଦୀଗୁଡ଼ି ମୁହାଣରେ ଥିବା ଦିବାକର ପାତ୍ରଙ୍କ ଲଞ୍ଚରୁ ରବିବାର ରାତି ପ୍ରାୟ ୮ଟା ବେଳେ ୬ଶହ ଲିଟର ଡିଜେଲ ଚୋରି ହୋଇଛି। ଲଞ୍ଚ ଜଗୁଆଳୀ ଗେଣ୍ଡୁ ମଣ୍ଡଳଙ୍କ ସହାୟତାରେ ହଳଦୀଗୁଡ଼ି ଗ୍ରାମର ଶାନ୍ତନୁ ପ୍ରଧାନ ଏବଂ ଅଶ୍ୱନୀ ସିଂ ଲଞ୍ଚରୁ ତେଲ କାଢ଼ି ଏକ ଡଙ୍ଗାରେ ନେଇ ଗନ୍ଧିଆ ନିକଟରେ ଗୋପାଳ ମଣ୍ଡଳଙ୍କୁ ବିକ୍ରି କରିଥିଲେ। ସୋମବାର ସକାଳେ ମାଲିକ ଦିବାକର ଲଞ୍ଚରେ ତେଲ ନ ଥିବା ଦେଖି ଜଗୁଆଳୀଙ୍କୁ ପଚାରିବାରୁ ସେ ସବୁକଥା ମାନିଥିଲେ। ଏନେଇ ସାର୍ଥା ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ଦୀପକ କୁମାର ଗିରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ୩ଜଣଙ୍କୁ ସିଂଲା ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ୧୨୦ ଲିଟର ଦେଶୀ ମଦ ଜବତ, ୩ ଗିରଫ

ଖଇରା, ୫।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଅବକାରୀ ପୋଲିସ ପକ୍ଷରୁ ଖଇରା ଥାନା ଅଧୀନ ସୁନ୍ଦରପୁର ଓ ରାଇକୁଳା ଗ୍ରାମରେ ଚଢ଼ାଉ କରାଯାଇ ୧୨୦ଲିଟର ଦେଶୀ ମଦ ଜବତ କରାଯିବା ସହ ମଦ ବିକ୍ରେତା ସୁନ୍ଦରପୁର ଗ୍ରାମର ନିତ୍ୟାନନ୍ଦ ନାୟକ, ରାଇକୁଳା ଗ୍ରାମର ଅସିତ ମାଝୀ ଓ ଚନ୍ଦ୍ରମଣୀ ଶିଅଳଙ୍କୁ ସୋମବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଏହି ଚଢ଼ାଉ କରାଯାଇଥିବା ବେଳେ ଉପ ନିରୀକ୍ଷିକା ଦୀପିକା ପରିଡା ଓ କନଷ୍ଟେବଲ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

### ହାତୀପଲ ଭାଙ୍ଗିଲେ ଘର

ବସ୍ତା, ୫।୧(ହରିଶଙ୍କର ପାଢ଼ୀ)

ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତରେ ହାତୀଙ୍କ ଉତ୍ପାତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହାତୀପଲ ଧାନ ଖାଇବା ସହ ଚାଷ କ୍ଷତି କରିବା ଓ ଘର ଭାଙ୍ଗିଥିବା ଜଣାପଡ଼ିଛି। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବନାଞ୍ଚଳରୁ ୧୧ରୁ ଉର୍ଦ୍ଧ୍ୱ ହାତୀ ବସ୍ତା ଓ ଅମର୍ଦ୍ଦା ରୋଡ୍ ରେଳଷ୍ଟେଶନ ମଧ୍ୟବର୍ତ୍ତୀ ରେଳଧାରଣାକୁ ବିପଦପୂର୍ଣ୍ଣ ଭାବେ ରବିବାର ରାତି ୧୧ଟାରେ ଅତିକ୍ରମ କରି ବରୁଣଗଡ଼ିଆ ପଞ୍ଚାୟତର ୨ ନମ୍ବର ୱାର୍ଡ ସଦାନନ୍ଦପୁର ଗ୍ରାମରେ ପଶି ଲୋକଙ୍କ ଅମଳ ହୋଇଥିବା ଧାନ ଖାଇବା ସହିତ ସୋରିଷ ଚାଷ, ରବି ଋତୁ ପାଇଁ କରାଯାଉଥିବା ଧାନ ଚାଷର ତଳା ବିଲ ନଷ୍ଟ କରିବା ସହିତ ଘର ଦ୍ୱାର ଭାଙ୍ଗିଥିଲେ। ବନ ବିଭାଗ ହାତୀ ପଶିବା ନେଇ ଲୋକଙ୍କଠାରୁ ସୂଚନା ପାଇ ରାତି ୨ଟାରେ ଜଣେ ଗ୍ରାମରେ ପହଞ୍ଚିଥିଲେ। ଲୋକେ ଘଉଡ଼ାଇ ଦେବାରୁ ହାତୀପଲ ପୁଣି ରାସଗୋବିନ୍ଦପୁର ଫେରିଯାଇଥିଲେ।

### ମୋବାଇଲ ଦୋକାନରୁ ଚୋରି

ଔପଦା, ୫।୧(ଧରିତ୍ରୀ ପଣ୍ଡା): ଔପଦା ବଜାରରେ ଥିବା ଖଇରା ଥାନା କଣ୍ଟାବଣିଆ ଗ୍ରାମର ଦେବଦାସ ଡିଆଡ଼ିଙ୍କ ମୋବାଇଲ ଦୋକାନରେ ଦୁର୍ବୃତ୍ତମାନେ ପଶି ୫ରୁ ୬ଟି ବଡ଼ ମୋବାଇଲ ସହ ଡ୍ର'ରେ ଥିବା ୪୫ହଜାର ଟଙ୍କା ଓ ବିଭିନ୍ନ ସରଞ୍ଜାମ ଚୋରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୩/୨୬) ରୁଜୁ କରି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରି ଫେରିଛନ୍ତି। ଦେବଦାସ ୫ତାରିଖ ପୂର୍ବାହ୍ନରେ ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

# 'ବିକାଶର କଥା କହେ ମହୋତ୍ସବ'

## ଗୋପାଳପୁର ମହୋତ୍ସବ 'କିସ୍' ୪ର୍ଥ ସନ୍ଧ୍ୟା

ବାହାନଗା, ୫।୧(ଅରୂପ କୁମାର ଦାସ)



ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ଶୁକ୍ରବାର ଆରମ୍ଭ ହୋଇଥିବା ବାହାନଗା ବ୍ଲକ ଗୋପାଳପୁର ମହୋତ୍ସବ 'କିସ୍'ର ସୋମବାର ଥିଲା ୪ର୍ଥ ସନ୍ଧ୍ୟା। ବିଭିନ୍ନ ଶିକ୍ଷାନୁଷ୍ଠାନ ତରଫରୁ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକମାନେ ମହୋତ୍ସବର ମଜା ନେଉଛନ୍ତି। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସନ୍ତୋଷ ମାଝୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ଯୋଗଦେଇ ମହୋତ୍ସବ ଅଞ୍ଚଳର ବିକାଶର କଥା କହେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲା ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ଲୋକଙ୍କୁ ଖୁସି କରିବା ପାଇଁ ନିଜକୁ ତିଳ ତିଳ କରି ଜଳାଇବା ହିଁ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କୁଚିଆକୋଇଲି ସରପଞ୍ଚ ଯଶୋଦାମଣି ସିଅଳ, କୁରୁଡ଼ା ସମିତିସଭ୍ୟ ମୁକ୍ତିକାନ୍ତ ବେହେରା, ତୁଷାରକାନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବରେ ଶ୍ରୀକୃଷ୍ଣଙ୍କର ସମସ୍ତ ଦିବ୍ୟଲୀଳା ପ୍ରଦର୍ଶନ କରାଯାଇଛି। ଏଥିରେ ରାମଦୋଳି, ଡ୍ରାଗନ, ଜଳଖିଆ ଦୋକାନ ସମେତ ଅନ୍ୟାନ୍ୟ ଦୋକାନ ପସରା ମେଳିଛି। ଶ୍ରୀକୃଷ୍ଣଙ୍କର ବିଦ୍ୟୁତ ଚାଳିତ ଦିବ୍ୟ ଲୀଳା ଦେଖିବା ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସୀତାକାନ୍ତ ତ୍ରିପାଠୀ ସଂଯୋଜନା କରିଥିଲେ। ସେହିପରି ୪ର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନର ଶୋଭାନା ମହାନ୍ତି ଯୋଗ ଦେଇଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ଖବରଦାତା ଅରୂପ କୁମାର ଦାସ । ସମ୍ମାନିତ ଅତିଥି ଭାବେ ଜୟନ୍ତ ମହାନ୍ତି, ଲମ୍ବୋଦର ପୃଷ୍ଟି, ସବିତା ଅଗସ୍ତି, ଶୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶ୍ୟାମସୁନ୍ଦର ଭୋଇ ସଂଯୋଜନା କରିଥିବା ବେଳେ ମହୋତ୍ସବରେ ସମ୍ପାଦକ ସୁଧାକର ଆଚାର୍ଯ୍ୟ, ରାକେଶ କୁମାର ପଣ୍ଡା, ଦେବକାନ୍ତ ମଲ୍ଲିକ, ସଭାପତି ଯୋଗେଶ ଚନ୍ଦ୍ର ପତି, ମୁକ୍ତିକାନ୍ତ ବେହେରା, ସବିତା ଅଗସ୍ତି, ଖିରୋଦ କୁମାର ସିଅଳ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣିରେ ୧୮୮ ଅଭିଯୋଗ

## ୮ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ



ଜିଲାପାଳ ଓ ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

ବାଲେଶ୍ୱର, ୫।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୮୮ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ।

ସେଗୁଡ଼ିକ ମଧ୍ୟରୁ ୧୫୭ଟି ବ୍ୟକ୍ତିଗତ, ୧୧ ଗୋଟି ସାମୂହିକ, ୨୦ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୩୩ଟି ଅଭିଯୋଗର ତତକ୍ଷଣାତ୍ ଫଇସଲା ହୋଇଥିଲା। ଅତିରିକ୍ତ ଜିଲାପାଳ(ରାଜସ୍ୱ) ହେମନ୍ତ ସିଂହ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଉପଜିଲାପାଳ ଶିବ ମାଲବୀୟଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଅଭିଯୋଗର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଜିଲାପାଳ ୬୦ପ୍ରତିଶତ ଓ ତଦୁର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ୮ଟି ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ପ୍ରଦାନ କରିଥିଲେ।

# ୨ହଜାର ରୋଗୀଙ୍କୁ ସେବା ଯୋଗାଇଲେ ଏମ୍‌ସର ୪୫ ଡାକ୍ତର



ଆରଆଇଏଚ୍‌ଏସ ମହାବିଦ୍ୟାଳୟ ପରିସରରେ ଏମ୍‌ସର ଡାକ୍ତରୀ ଟିମ୍।

ଭୋଗରାଇ, ୫।୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଉପାନ୍ତ ଅଞ୍ଚଳ ଭୋଗରାଇ ବ୍ଲକ ସରକାରୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଜଟିଳ ରୋଗ ନିମନ୍ତେ ଲୋକେ କଟକ ବଡ ଡାକ୍ତରଖାନା କିମ୍ବା ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଯାଇ ଅଧିକ ଖର୍ଚ୍ଚାନ୍ତ ହୋଇ ନୟାନ୍ତ ହେଉଥିବା ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥିତିରେ ଏମ୍‌ସ ହସ୍ପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା. ସରୋଜ ଦାସ ମଜୁମଦାରଙ୍କ ତତ୍ତ୍ୱାବଧାନରେ ଆରଆଇଏଚ୍‌ଏସ ମହାବିଦ୍ୟାଳୟ ପରିସରରେ ରବିବାର ୨ହଜାରରୁ ଉର୍ଦ୍ଧ୍ୱ ଜଟିଳ ଗରିବ ରୋଗୀଙ୍କୁ ଏମ୍‌ସର ୪୫ ଅଭିଜ୍ଞ ଓ ବିଶେଷଜ୍ଞ ଡାକ୍ତର ଅତ୍ୟାଧୁନିକ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ୱାସ୍ଥ୍ୟସେବା ଯୋଗାଇ ଭୋଗରାଇବାସୀଙ୍କ ନଜରକୁ ଆସି ଚର୍ଚ୍ଚିତ ହୋଇଛନ୍ତି। ବରିଷ୍ଠ ବିଶେଷଜ୍ଞ ଡା. ଅରୁଣ କୁମାର ଚୌଧୁରୀ, ଡା. ପ୍ରକାଶ ଚନ୍ଦ୍ର ଦଳାଇ, ଡା. ନିହାର ବେହେରା, ଡା. ସି.ଏସ ସିରକା, ଡା. ପ୍ରଶାନ୍ତ ନାୟକ, ଡା. ସଞ୍ଜୟ ଗିରି, ଡା. ଆଲୋକ ପଟ୍ଟନାୟକ, ଡା. ମାନସ ପାଣିଗ୍ରାହୀ, ଡା. ଆରଭିଏସ କୁମାର, ଡା. ଗିରିଶ ସାହୁ, ଡା. ଅମିତାଭ ରଥ, ଡା. ଅଶୋକ ଜେନା, ଡା. ସିଦ୍ଧାର୍ଥ ଦାସ, ଡା. ସିଦ୍ଧାର୍ଥ ରାୟ, ଡା. ବିଶ୍ୱଜିତ ମିଶ୍ର, ଡା. ଧୀରଜ ପଣ୍ଡା, ଡା. ଦୀବାଜ ଦାସ, ଡା. ସୌରିନ ଭୂୟାଁ ପ୍ରମୁଖ ଉପସ୍ଥିତ ହୋଇ ୨୦ ଜଟିଳ ରୋଗର ଚିକିତ୍ସା କରିଥିଲେ। ଏହି ଶିବିରରେ ଆଖିରୋଗୀମାନଙ୍କୁ ନିଃଶୁଳ୍କ ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ କଲେଜ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ ଜଗଦୀଶ ଚନ୍ଦ୍ର ଗିରି, ଅଧ୍ୟାପକ ଡଃ ଅନୁପ କୁମାର ସାମଲ, ଶିକ୍ଷକ ବାଲଗୋପାଲ ଦାସ,ଅଶୋକ ସାହୁ, ରମାକାନ୍ତ ପରିଡା, ଗୋପାଳ ପାତ୍ର, ତାପସ ପାତ୍ର ଓ ଏନସିସିର ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାରେ ମିଶିଲେ ଅନ୍ୟ ଦଳର ଶତାଧିକ କର୍ମୀ

ଭୋଗରାଇ, ୫।୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ୩୫ ନଂ. ଜିଲା ପରିଷଦ ଜୋନ ଟୁକୁରୀହାଜିରା ପଞ୍ଚାୟତ ନିକଟରେ ଭାଜପାର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ପରାମାଣିକଙ୍କ ସହିତ ଅନ୍ୟଦଳର ଅନେକ ୱାର୍ଡମେମ୍ବର ଓ ଶତାଧିକ କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା କୁହାଯାଉଛି। ସବ୍‌କା ସାଥ, ସବ୍‌କା ପ୍ରୟାସ, ସବ୍‌କା ବିଶ୍ୱାସର ଆତ୍ମନିର୍ଭରଶୀଳ ସୁଅକୁ ବିଜେଡି ଓ କଂଗ୍ରେସ ରୋକିପାରିବ ନାହିଁ ବୋଲି ଭାଜପା ନେତା ଆଶିଷ ପାତ୍ର ଭାଜପା ମିଶ୍ରଣପର୍ବରେ ସୂଚନା ଦେଇଛନ୍ତି। ଏହି ଅବସରରେ ମଣ୍ଡଳ ସଭାପତି ଚନ୍ଦନ ପ୍ରଧାନ, ମହେଶପୁର ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର, ସୁନାଧରବସାଣ ସରପଞ୍ଚ ଦିଲୀପ କୁମାର ଦତ୍ତ, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ପ୍ରମୁଖ ସହ ବହୁ ଭାଜପା ନେତା ସାମିଲ ଥିଲେ।

# ୧୯୮୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ଉପସ୍ଥିତ ପୁରାତନ ଛାତ୍ର ସମୂହ।

ଖଇରା, ୫।୧(ଉତ୍କଳବନ୍ଧୁ ପଣ୍ଡା)

## ଖଇରା ହାଇସ୍କୁଲ

ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବପୁରାତନ ଖଇରା ହାଇସ୍କୁଲରୁ ୧୯୮୫ ମାଟ୍ରିକ ପାସ୍ କରିଥିବା ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ରବିବାର ନଟାପଡା ଛକସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ନିରୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ମହାନ୍ତି ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ନିତ୍ୟାନନ୍ଦ ସେଠୀ ଓ ବିଜୟ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରବନ୍ଧୁମାନେ ନିଜର ପରିଚୟ ପ୍ରଦାନ ପରେ ବିଗତ ଦିନର ସ୍ମୃତି ବଖାଣିଥିଲେ। ସମସ୍ତ ବନ୍ଧୁ ନାଚଗୀତ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ରମାକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିନ ବିହାରୀ ଦାସମହାପାତ୍ର, ପ୍ରକାଶ ଦାଶ, ଅଧେଶ ଦାସ, ପ୍ରଶାନ୍ତ ପାତ୍ର, ରବିନାରାୟଣ ଦାସମହାପାତ୍ର, ରବୀନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ବାରିକ, ସତ୍ୟନାରାୟଣ ସେଣ୍ଠ, ପୂର୍ଣ୍ଣଚନ୍ଦ୍ର ଭୁଜବଳ, ପ୍ରଫୁଲ୍ଲ ସାହୁ, ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜୟନାରାୟଣ ମହାନ୍ତି ସ୍ମୃତି କମିଟିର କର୍ମକର୍ତ୍ତା ଚୟନ



ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତା।

ବାଲିଆପାଳ, ୫।୧(ଗୋପାଳ ଚନ୍ଦ୍ର ସାହୁ)

## ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଇଁ ପ୍ରସ୍ତୁତି

ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ପ୍ରାକ୍ତନ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରବିବାର ଜୟନାରାୟଣ ମହାନ୍ତି ସ୍ମୃତି କମିଟିର କର୍ମକର୍ତ୍ତା ଚୟନ ଓ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଭାବେ ବ୍ରଜକିଶୋର ଭୂୟାଁ, କାର୍ଯ୍ୟକାରୀ ସଭାପତି ଭାବେ ରବିନାରାୟଣ ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରଯାଇଛି। ସେହିପରି ସମ୍ପାଦକ ଭାବେ ଇଂ. ସୁଶାନ୍ତ ଚକ୍ରବର୍ତ୍ତୀ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ସହକୋଷାଧ୍ୟକ୍ଷ ଜଗନ୍ନାଥ ବାରିକ, ଉପସଭାପତି ଦେବ କୁମାର ଦେ, ଅମରେନ୍ଦ୍ର ପାତ୍ର, ଅଶ୍ୱିନୀ କୁମାର ଦାସ, ଡ. ସୁଶାନ୍ତ ଦାସ, ଶୁଭେନ୍ଦୁ କୁମାର ଦାସ, ସହ ସମ୍ପାଦକ ଅରୁଣ କୁମାର ପାତ୍ର, ସରୋଜ କୁମାର ପିଳା, ସୁଶାନ୍ତ କୁମାର ପାତ୍ର, ଦିବ୍ୟକାମ ମହାନ୍ତି ଓ ଅମିତ କୁମାର ପଟ୍ଟନାୟକଙ୍କୁ ମନୋନୀତ କରଯାଇଛି। ଉପଦେଷ୍ଟା କମିଟିରେ ଏମ୍‌ପି, ବିଧାୟକ ଏବଂ ବାଲିଆପାଳ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ସହିତ ପ୍ରାକ୍ତନ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ, ମୂରଲୀମୋହନ ସାହୁ, ମଧୁସୂଦନ ସାହୁ, ସଞ୍ଜୟ କୁମାର ଦେ, କାଳୀଚରଣ ଦେ, ମଧୁସୂଦନ ସାହୁ, ପ୍ରିୟନାଥ ସେଠୀ, ଜଗନ୍ନାଥ ବିଶ୍ୱାଳ, ବିଜନ ନାୟକ, ରବୀନ୍ଦ୍ରନାଥ ଅଣ୍ଡିଆ, ଗିରିଶ ପାତ୍ର, ସତ୍ୟକାମ ମହାନ୍ତିଙ୍କୁ ମନୋନୀତ କରଯାଇଛି।

ଆସନ୍ତା ୨୦ ତାରିଖରେ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍କୁଲ ପିଲାମାନଙ୍କୁ ନେଇ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରୁ ପୁରୁଣା ବସ୍‌ଷ୍ଟାଣ୍ଡ ଯାଏ ଗଣଦୌଡ଼ ଓ ଇନ୍ଦିରା ଶିଶୁ ଉଦ୍ୟାନରେ ଜୟନାରାୟଣ ମିହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା। ସେହିପରି ଇନ୍ଦିରା ଶିଶୁ ଉଦ୍ୟାନ ପରିସରରେ ସ୍କୁଲ କଲେଜ ପିଲାଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ ସହିତ ୧୦ଜଣ ବିଭିନ୍ନ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ହୋଇଛି।

## ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଓ ସାଂସ୍କୃତିକ ଉତ୍ସବ

ଜଳେଶ୍ୱର, ୫।୧(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଖୁଦିଆମାଝୀସାହି ପଞ୍ଚାୟତ ମୁଣ୍ଡୁଣିଆ ବିଦ୍ୟାଳୟ ଖେଳପଡ଼ିଆରେ ପଲ୍ଲୀ ମେଳା ଆନୁକୂଲ୍ୟରେ ସୁପ୍ରୀତମ କଳାକେନ୍ଦ୍ର ପକ୍ଷରୁ ୧୪ତମ ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଓ ସାଂସ୍କୃତିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁପ୍ରୀତମ କଳାକେନ୍ଦ୍ରର ସଭାପତି ସମୀର ବେହେରା ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗ୍ରାମାଞ୍ଚଳରେ କଳାକୁ ବଞ୍ଚାଇ ରଖିବା ଓ ପିଲାମାନଙ୍କର ପ୍ରତିଭା ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ଏହିପରି କାର୍ଯ୍ୟକ୍ରମ କରିଆସୁଛନ୍ତି। ପଲ୍ଲୀ ମେଳା କମିଟିର ସଭାପତି ଅମରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷ, ମୁଖ୍ୟବକ୍ତା ଭାବେ ତହସିଲଦାର ସତ୍ୟଜିତ ମହାନ୍ତି, ସମ୍ମାନିତ ଅତିଥି ହିମାଂଶୁ ଶେଖର ଘୋଷ, ଜଗଦୀଶ ଚନ୍ଦ୍ର ସାହୁ, ଯାତ୍ରା କଳାକାର ଲୋକନାଥ ଲେଙ୍କା ଯୋଗଦେଇଥିଲେ। ଗୁରୁ ପ୍ରଫୁଲ୍ଲ ବେହେରାଙ୍କ ସ୍ତ୍ରୀ ପରିବାଳା ବେହେରା ସ୍ଥାନୀୟ ପାଲା ଗାୟକ ନିତ୍ୟାନନ୍ଦ ମଲ୍ଲିକଙ୍କୁ ଗୁରୁ ପ୍ରଫୁଲ୍ଲ ବେହେରା ସ୍ମୃତି ସମ୍ମାନ, ନୃତ୍ୟଗୁରୁ ସୁଶାନ୍ତ ବେହେରା ଏବଂ ସଂଗୀତ ଗୁରୁ ସ୍ୱରୂପ ନାୟକଙ୍କୁ ଦୀନକୃଷ୍ଣ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ଶିଶିର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପକ୍ଷୀଙ୍କ ସୁରକ୍ଷା ପାଇଁ ସାମୂହିକ ସଚେତନତା




ନୀଳଗିରି, ୫।୧(ପ୍ରଶାନ୍ତ ବିଶ୍ୱାଳ)

ଜାତୀୟ ପକ୍ଷୀ ଦିବସ ପାଳନ ଅବସରରେ ନୀଳଗିରି କୁଳଡ଼ିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ନୀଳଗିରି ଉପଖଣ୍ଡ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଝୁମକୁଟ ଗ୍ରାମରେ ସୋମବାର ପକ୍ଷୀଙ୍କ ସୁରକ୍ଷା ପାଇଁ ସାମୂହିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପକ୍ଷୀଙ୍କ ଶିକାର ରୋକିବାକୁ ଅଞ୍ଚଳବାସୀ ଶପଥ ପାଠ କରିଥିବା ଦେଖିବାକୁ ମିଳିଛି। ସେହିପରି ଏହି ଦିବସରେ ପକ୍ଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବିପଦ ଯଥା ବେଆଇନ କାରବାର, ପକ୍ଷୀ, ବିଶ୍ୱ ତାପନ ବୃଦ୍ଧି, ଜଙ୍ଗଲ ନଷ୍ଟ ହେବା, ପକ୍ଷୀଙ୍କ ରୋଗ ଏବଂ ଜଳବାୟୁ ପରିବର୍ତ୍ତନର ବିପରୀତ ପ୍ରଭାବ ବିଷୟରେ କମଳଲୋଚନ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଅଶେଷ ଦାସ, ଅନିଶ ଦାସ, ଲଳିତ ପ୍ରଧାନ, ଜୀବନଜ୍ୟୋତି ଦାସ, ବାସୁଦେବ ଦାସ, ଅନୁଦିତ ଗିରି ପ୍ରମୁଖ ସହଯୋଗ କରିଥିଲେ। ପାଠ୍ୟକ୍ରମରେ ପକ୍ଷୀଙ୍କ ସଂରକ୍ଷଣ ବିଷୟ ସ୍ଥାନିତ ହେଲେ ପକ୍ଷୀଙ୍କ ଦମନକୁ ମଧ୍ୟ ରୋକାଯାଇ ପାରିବ ବୋଲି ସାଧାରଣରେ ଦାବି ହେଉଛି।

# 'ସମାଜ କଲ୍ୟାଣ ପାଇଁ ଯୁବଗୋଷ୍ଠୀଙ୍କ ସହଯୋଗ ଜରୁରୀ'

## ବାବା ପରମେଶ୍ୱର ମୀନାବଜାର କମିଟି ଉଦ୍‌ଘାଟନ କଲେ ମନ୍ତ୍ରୀ

ବସ୍ତା(ହରିଶଙ୍କର ପାଢ଼ୀ)/ ଗାନ୍ଧୀଛକ (ଦିଲୀପ ପଣ୍ଡା), ୫।୧



ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ଅତିଥିଗଣ।

ବସ୍ତା ବ୍ଲକ ପତ୍ରଝଡ଼ାଠାରେ ସୋମବାର ବାବା ପରମେଶ୍ୱର ମୀନାବଜାର କମିଟିର ଚତୁର୍ଥ ବାର୍ଷିକ ମେଳା ଉଦ୍‌ଘାଟନ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୀନା ବଜାର ମାଧ୍ୟମରେ ସମସ୍ତ ଜନସାଧାରଣଙ୍କ ଭିତରେ ଏକତା ଓ ସାମାଜିକ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ସାମୂହିକ କଲ୍ୟାଣ ପାଇଁ ଯୁବକମାନଙ୍କର ସହଯୋଗ ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟବକ୍ତା ଭାବେ ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କାନ୍ଡ୍ରା ସୋରେନ, ସମ୍ମାନିତ ଅତିଥି ପ୍ରଦୀପ କୁମାର ମହାନ୍ତି ବକ୍ତବ୍ୟ ରଖିଥିଲେ। ସଭାପତି ଗୋପାଳ ସିଂହ ପୌରୋହିତ୍ୟ କରିଥିଲେ। ସମ୍ପାଦକ ସୁଶାନ୍ତ ପରିଡ଼ା ବିବରଣୀ ପାଠ କରିଥିଲେ। ଏଥିରେ ସରପଞ୍ଚ ପ୍ରତିନିଧି ପ୍ରଦୀପ କୁମାର ବେହେରା, ଅଜିତ କୁମାର ଲେଙ୍କା, ଶକ୍ତି ମହାପାତ୍ର, ଗୋବିନ୍ଦବଲ୍ଲଭ ଗିରି, ମନୋଜ ବେହେରା, ଦିଲୀପ ଖମାରୀ, ହାଡ଼ିବନ୍ଧୁ ପୃଷ୍ଟି, ହରିହର ବେହେରା, ତାରକାନ୍ତ ପାଣିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର, ୫।୧(ବାଞ୍ଛାନିଧି ଦେ)



ଜିଲାପାଳଙ୍କ ଅଫିସ ଫାଟକ ସମ୍ମୁଖରେ ଆଶାକର୍ମୀମାନେ ବିକ୍ଷୋଭ କରୁଛନ୍ତି।

ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ସୋମବାର ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଶା କର୍ମୀଙ୍କ ଦାବି ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ରେଳଷ୍ଟେଶନ ନିକଟରୁ ଆଶାକର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ଆୟୋଜିତ ପ୍ରତିବାଦ ସଭାରେ ଭାରତୀୟ ମଜଦୁର ସଂଘ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ଆଶାକର୍ମୀଙ୍କୁ ଉଚିତ୍ ପ୍ରାପ୍ୟ ସହ ସମସ୍ତ ସୁବିଧା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଆଶାକର୍ମୀଙ୍କ ଦାବି ପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବାକୁ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶକୁନ୍ତଳା ଗୋଚ୍ଛାୟତ, ବିଏମ୍‌ଏସ୍ ଲିଗାଲ ସେଲ ରାଜ୍ୟ ସଭାପତି ଅଞ୍ଜନ କୁମାର କର, ଲିଗାଲ ସେଲ ଜିଲା ସଭାପତି ଆଲୋକ ପଣ୍ଡା, ସଂଘର ଜିଲା ସଭାପତି ସୀତା ଦାସ, ସାଧାରଣ ସମ୍ପାଦିକା ଜାନକୀ ରାଉଳ, କୋଷାଧ୍ୟକ୍ଷ ଅପର୍ଣ୍ଣା ପ୍ରଧାନ ପ୍ରମୁଖ ଯୋଗଦେଇ ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ବେତନ ୧୮ହଜାର, ଇଏସ୍‌ଆଇ ଓ ଇପିଏଫ୍ ସ୍କିମ୍‌ରେ ଅନ୍ତର୍ଭୁକ୍ତ କରିବା, ପ୍ରତ୍ୟେକ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାଗୃହ ନିର୍ମାଣ, ଯୋଗ୍ୟତା ଭିତ୍ତିରେ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି, ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୧୦ଲକ୍ଷ, ଅବସରକାଳୀନ ସହାୟତା ରାଶି ଏକକାଳୀନ ୧୦ଲକ୍ଷ ଓ ମାସିକ ଭତ୍ତା ୫ହଜାର ଟଙ୍କା ଆଦି ପ୍ରଦାନ କରିବାକୁ ଦାବି କରିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଛେନାପଦି/ ବଡ଼ଲା,୫।୧
(ନିରାକାର ପରିଡା/ ଦୁର୍ଗା ପ୍ରସାଦ ଆୟଚ)



କେନ୍ଦୁଝର ଜିଲା ସୋସୋ ଥାନାରେ ନୂତନ ଅଧିକାରୀଭାବେ କାନନ ସାହୁ ଶୁକ୍ରବାର ଯୋଗଦାନ କରିଛନ୍ତି। ସେ ପଦୋନ୍ନତି ପାଇଥିବା ନୂତନ ଡିଏସ୍‌ପି ମାନସ ବାରିକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ରବିବାର କାର୍ଯ୍ୟରେ ବିଧିବଦ୍ଧ ଭାବେ ଯୋଗଦେଇ ଅଞ୍ଚଳରେ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦେବେ ବୋଲି ମତ ପ୍ରକାଶ କରିଛନ୍ତି।

### ଦୋକାନରୁ ମଦ ଜବତ, ଜଣେ ଗିରଫ

ପାଟଣା,୫।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ପୋଲିସ ସୋମବାର ମେଦିନିପୁର ଗ୍ରାମରେ ଚଢ଼ାଉ କରି ଏକ ତେଜରାତି ଦୋକାନରୁ ବିଦେଶୀ ଓ ଦେଶୀ ମଦ ଜବତ କରିଛି। ଘଟଣାରେ ଦୋକାନ ମାଲିକଙ୍କୁ ଗିରଫ କରିଛି। ଗିରଫ ଦୋକାନୀ ତନୟ ନାୟକ(୩୪)। ପୋଲିସ ୯୫ ଲିଟର ଦେଶୀ ମହୁଲି ମଦ ସହ ୪ ଲିଟର ବିଦେଶୀ ମଦ ଜବତ କରିଛି। ପାଟଣା ଥାନାରେ ଏକ ମାମଲା(ନଂ.୫/୨୬) ରୁଜୁ ହୋଇଛି। ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଘଟଣାର ତଦନ୍ତ କରୁଛନ୍ତି।

### ୫ ବାଲି ବୋଝେଇ ଟ୍ରାକ୍ଟର ଜବତ

ପାଟଣା,୫।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଟାଙ୍ଗରପଡ଼ା ଆରଆଇ ସର୍କଲ ଅଙ୍କୁରା ବୈତରଣୀ ନଦୀର ମଝି ମୁହାଣ ନିକଟରୁ ୪ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ସୋମବାର ସନ୍ଧ୍ୟାରେ ପାଟଣା ବନ ବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରି ଜବତ କରିଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଥିଲେ। ସେହିଭଳି ପାଟଣା ମୁଖ୍ୟାଳୟ ମକ୍ତବ ସ୍କୁଲ ନିକଟରୁ ଏକ ଟ୍ରାକ୍ଟରକୁ ପୋଲିସ ଜବତ କରିଛି।

### ଯାତ୍ରୀବାହୀ ବସ୍‌ର ଯାଞ୍ଚ କଡ଼ାକଡ଼ି

କେନ୍ଦୁଝର,୫।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ବିଭାଗ ପକ୍ଷରୁ କଡ଼ାକଡ଼ି ଯାଞ୍ଚ ଆରମ୍ଭ ହୋଇଛି। ଜିଲାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ସେମାନଙ୍କର ଓ ଜିଲାବାସୀଙ୍କ ସୁରକ୍ଷା ପାଇଁ ଏଭଳି ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ବିଶେଷ କରି ଯାତ୍ରୀଙ୍କ ସୁରକ୍ଷା ପାଇଁ ଯାତ୍ରୀବାହୀ ବସ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଟାଉନ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଆମ ବସ୍, ଲକ୍ଷ୍ମୀ ବସ୍ ଓ ଅନ୍ୟ ସରକାରୀ ଓ ଘରୋଇ ବସ୍‌ଗୁଡ଼ିକୁ ଅଟକାଇ ଯାଞ୍ଚ କରିବା ସହ ମଦ୍ୟପ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

### ଭାଜପା କାର୍ଯ୍ୟାଳୟ ସମ୍ପାଦକଙ୍କ ପତ୍ନୀ ବିୟୋଗ

କେନ୍ଦୁଝର,୫।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭାଜପା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର(୪୭)ଙ୍କ ପତ୍ନୀ ବବଲି ସୂତ୍ରଧରଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି।



ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକିର ଚରଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଏମ୍‌ପି ଅନନ୍ତ ନାୟକଙ୍କ ପତ୍ନୀ ଲବଙ୍ଗଲତା ନାୟକ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ଅଧ୍ୟାପକ ବିପିନ ବିହାର ସାହୁ, ପୂର୍ବତନ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ପ୍ରକାଶ, ସାନପୁଅ ମୋହିତ, ଭାଇ, ଭାଉଜ, ଭଣଜା ଅନିଲ, ସୁନିଲଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଢାଙ୍ଗରପଡ଼ାସ୍ଥିତ ଆଦର୍ଶ ଶ୍ମଶାନରେ ଶେଷ କୃତ୍ୟ କରାଯାଇଛି। ବଡ଼ ପୁଅ ରୋହିତ ସୁତ୍ରଧର ମୁଖାଗ୍ନି ଦେଇଥିଲେ।

# ପାନୀୟଜଳ ସମସ୍ୟା ଉତ୍କଟ

କେନ୍ଦୁଝର,୫।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

## ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଖରାଦିନ ଆରମ୍ଭ ନ ହେଉଣୁ ପିଇବା ପାଣି ସମସ୍ୟା ଉତ୍କଟ ହେଲାଣି। ଶୀତ ଦିନରେ ଲୋକେ ମୁନ୍ଦେ ପାଣି ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବସୁଧା ଯୋଜନାରେ ପାଣି ଗାଁରେ ପହଞ୍ଚୁ ନ ଥିବାରୁ ନଦୀ, ନାଳର ପାଣି ପିଉଥିବା କେନ୍ଦୁଝର ସଦର ବ୍ଲକ୍ ରଘୁନାଥପୁର ଗ୍ରାମର ଖମଣଗୋଡ଼ା ଏବଂ ରାଣୀଗୋଡ଼ା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, ୨ ସାହିରେ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

ପାଖାପାଖି ୨୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସରକାରଙ୍କ ବସୁଧା ମେଗା ପ୍ରକଳ୍ପ ଦ୍ୱାରା ଗ୍ରାମକୁ ଜଳ ଯୋଗାଣ ହେଉଥିଲେ ମଧ୍ୟ ଉକ୍ତ ୨ ସାହିକୁ ପିଇବା ପାଣି ପହଞ୍ଚି ପାରୁନାହିଁ। ସାହିରେ ପାନୀୟ ଜଳର ଅନ୍ୟ କୌଣସି ଉତ୍ସ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣି ପାଇଁ ନଦୀ, ନାଳକୁ ଯାଇ ମଇଳା ପାଣି ଆଣି ପିଇବାକୁ ବାଧ ହେଉଛନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା କହିଛନ୍ତି। ଆଗକୁ ଖରାଦିନ ଥିବାରୁ ଜଳକଷ୍ଟ ଅଧିକ ଦେଖାଦେବା ଆଶଙ୍କା କରି ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଏହାର ସମାଧାନ କରିବା ପାଇଁ ୱାର୍ଡ ମେମ୍ବର ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ବହୁ ମହିଳା, ପୁରୁଷ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଦାବି ଉପସ୍ଥାପନ କରିଛନ୍ତି।

# ବିବେକାନନ୍ଦ ପାଠକ ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ହାଟଡିହୀ/ ବଡ଼ଲା,୫।୧
(ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନୂଆରମ୍ଭାସ ବିବେକାନନ୍ଦ ପାଠକ ମଞ୍ଚର ଏକ ବିଂଶତିତମ ସ୍ୱନକ୍ଷତ୍ର ଉତ୍ସବ ରବିବାର ବଡ଼ରମ୍ଭାସ ଜପିଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ୍ ଅଧୀନ ପ୍ରାୟ ୪୦ ବିଦ୍ୟାଳୟରୁ ୪୦୦ ପିଲା ଶ୍ରେଷ୍ଠ ପାଠକ ଚୟନ, ଓଡ଼ିଆ ଭାଷା ଜ୍ଞାନ, ଆଶୁ ଓଡ଼ିଆ କବିତା ଲିଖନ, ଗୀତ, ହାସ୍ୟ ବ୍ୟଙ୍ଗ, ପ୍ରଶ୍ନମଞ୍ଚ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ, ଅଧ୍ୟାପକ ରଘୁଦୀପ୍ତି ନାୟକ, ଗୁରୁ ବାମନ ଚରଣ ପ୍ରଧାନ, ରବିନାରାୟଣ ପଟ୍ଟନାୟକ, ଅଭିମନ୍ୟୁ ସାହୁ ଓ ଲିତୁନ କୁମାର ବଳ ବିଚାରକ ଭାବରେ ଯୋଗଦେଇଥିଲେ। ଅଧ୍ୟାପକ ସୁଶୀଳ ଶୁଭଦୀପ ଓ ଶୁଭଶ୍ରୀ ତନିମା ନାୟକ ପ୍ରଶ୍ନମଞ୍ଚ ସଞ୍ଚାଳନ କରିଥିଲେ। ସାମାଜିକକର୍ମୀ ଧୀରେନ୍ଦ୍ର ଖଟୁଆ ମୁଖ୍ୟ ସଞ୍ଚାଳକ ଥିଲେ। ଏହି ଅବସରରେ ଶିକ୍ଷକ ରଘୁନାଥ ଖଟୁଆଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ହାଟଡ଼ିହୀ ଶିକ୍ଷା ମଣ୍ଡଳର ଶିକ୍ଷାଧିକାରୀ ରାଜିବ ଦଳେଇ, ଶିକ୍ଷକ ଅକ୍ଷୟ ଜେନା, ନାରାୟଣ ଲେଙ୍କା, ବିନୋଦ ପଣ୍ଡା, ହସ୍ୟମୟୀ ରାଜ, ଦୀପ୍ତି ଦେବଦର୍ଶିନୀ ସୁତାର, ପ୍ରଫେସର ଗୋପାଳକୃଷ୍ଣ ପ୍ରଧାନ ଆଦି ଉପସ୍ଥିତ ରହି ପଠନ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ନାୟକ ମଞ୍ଚ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟଣାକୁ ଫେରିଲେ ୨୫ ଟିକିଆ ହାତୀପଲ



ହାତୀପଲ ୪୯ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଛନ୍ତି।

ପାଟଣା,୫।୧ (ବୀର କିଶୋର ଦାଶ)

## ଘର ଭାଙ୍ଗି ଚାଉଳ ଖାଇଲେ, ଫସଲ ନଷ୍ଟ କଲେ

କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ସୋମବାର ପୁଣି ୨୫ ଟିକିଆ ହାତୀପଲ ଫେରିଛନ୍ତି। ଭୋର ସମୟରେ ହାତୀପଲ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନରୁ ଆସି ଡୁମୁରିଗୋଡ଼ା ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ପାର ହୋଇ ପାଟଣା ରେଞ୍ଜକୁ ପ୍ରବେଶ କରିଛନ୍ତି।

ଜାତୀୟ ରାଜପଥରେ ହାତୀପଲ ପାର ହେବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ଆସିବା ବାଟରେ ବ୍ୟାପକ ପନିପରିବା ଚାଷ ନଷ୍ଟ କରିବା ସହ ଝାରବେଡ଼ା ଗ୍ରାମର ଗଦାଧର ନାଏକଙ୍କ ଗୋଟିଏ ଆଜବେଷ୍ଟସ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏଥିସହ ଗଦାଧରଙ୍କ ବାଡ଼ିରୁ କୋବି ଓ ମଟର ଚାଷ ଖାଇବା ସହ ମାଡ଼ି ଦଳି ନଷ୍ଟ କରିଛନ୍ତି।

ହାତୀପଲରେ ୬ ଦନ୍ତା, ୧୧ମାଈ, ୮ ଛୁଆହାତୀ ରହିଛନ୍ତି। ହାତୀପଲ ସନ୍ଧ୍ୟାରେ ଖୀରେଇ ଟାଙ୍ଗିରୀ ସେକ୍ସନ ଡୁମୁରି ଗୋଡ଼ା ବୈତରଣୀ ନଦୀ କୂଳରେ ଡେରାପକାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବାର୍‌ହା ଆକ୍ରମଣରେ ୩ ଆହତ

ଚମ୍ପୁଆ,୫।୧ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧୀନ ବଶିରା ଗ୍ରାମର କୁନ୍ଦେଇ ସାହିରେ ସୋମବାର ଦ୍ୱିପ୍ରହରରେ ଏକ ବାର୍‌ହା ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, କୁନ୍ଦେଇ ସାହିର ନିରୁପମା ମହାନ୍ତ ମଧ୍ୟାହ୍ନ ୧୨ ଟାରେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଉଥିଲେ। ବାଟରେ ଏକ ବାର୍‌ହା ଗାଁଭିତରୁ ପଶି ଆସି ତାଙ୍କୁ ଆକ୍ରମଣ କରି ଖଣ୍ଡିଆ ଖାବରା କରିଥିଲା। ପରେ ଉକ୍ତ ଗ୍ରାମକୁ ଉମେଶ ଗିରି ନାମକ ବ୍ୟକ୍ତି କୌଣସି କାର୍ଯ୍ୟରେ ଯାଇଥିବା ବେଳେ ବାରହା ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ପରେ ଗ୍ରାମର ଦୁରାମଣୀ ମହାନ୍ତ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ୩ ଗୁରୁତରଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିୟା କହିଛନ୍ତି, ଗୁରୁତର ଲୋକଙ୍କୁ ସରକାର ନିୟମ ଅନୁଯାୟୀ ସମସ୍ତ ସହାୟତା ପ୍ରଦାନ କରାଯିବ।

# ପଡୁଆ ବିଦ୍ୟାଳୟରେ ପୁରସ୍କାର ନିଧି ଉଦ୍‌ଘାଟିତ



ଅତିଥିମାନେ ପୁରସ୍କାର ନିଧିକୁ ଉଦ୍‌ଘାଟନ କରୁଛନ୍ତି।

ଚମ୍ପୁଆ,୫।୧ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ପଡୁଆ ପଞ୍ଚାୟତ ଅନ୍ତର୍ଗତ ପଡୁଆ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପୁରସ୍କାର ନିଧି ତଥା ଗଣେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟଫଣ୍ଡ ଉଦ୍‌ଘାଟିତ ହୋଇଯାଇଛି।

ଉତ୍ସବରେ ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ମହାନ୍ତ ଦାୟିତ୍ୱ ନିର୍ବାହ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଡା. ନିରଞ୍ଜନ ଓଝା, ମୁଖ୍ୟ ବକ୍ତାଭାବେ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବୈଲଚନ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାହୁ, ମଦନମୋହନ ଦ୍ୱିବେଦି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭକ୍ତ ବତ୍ସଳ ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଗଣେଶ୍ୱର ସାହୁ ମେମୋରିଆ ଟ୍ରଷ୍ଟଫଣ୍ଡ ମାଧ୍ୟମରେ ପୁରସ୍କାର ଯୋଜନାକୁ ଉଦ୍‌ଘାଟନକରାଯାଇଥିଲା। ଗଣେଶ୍ୱର ସାହୁ ୧ ଲକ୍ଷ ଟଙ୍କା ଏହି ଟ୍ରଷ୍ଟଫଣ୍ଡକୁ ପ୍ରଦାନ କରିଥିଲେ। ଅର୍ଥରାଶିର ବାର୍ଷିକ ସୁଧ ବିଦ୍ୟାଳୟର ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଶେଷରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଢେଙ୍କିକୋଟରେ ଖୋଲିଲା ଧାନମଣ୍ଡି



ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ସମିତି କର୍ମକର୍ତ୍ତା ଓ ଚାଷୀ।

ଢେଙ୍କିକୋଟ,୫।୧ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ଲ୍ୟାମ୍ପ୍‌ସରେ ସୋମବାର ଧାନମଣ୍ଡି ଖୋଲାଯାଇଛି। ଢେଙ୍କିକୋଟ ଲ୍ୟାମ୍ପ୍‌ସ ଟିଁକିରାସ୍ଥିତ ଆରଏମସି ଗୋଦାମ ଘରେ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଯାଇଛି। ଘଟଗାଁ ଅତିରିକ୍ତ ତହସିଲଦାର ଠାକୁର ଦାସ, ଢେଙ୍କିକୋଟ ଆରଆଇ ଶିବଶଙ୍କର ସିଂହ, ଘଟଗାଁ ସପ୍ଲାଇ ଇନ୍ସପେକ୍ଟର ଭାସ୍କର ବାରିକଙ୍କ ସମେତ ଲ୍ୟାମ୍ପ୍‌ସର ଏମ୍‌ଡି କେଶବାନନ୍ଦ ବାରିକ, ଲ୍ୟାମ୍ପ୍‌ସର ସଭାପତି ଅଭିମନ୍ୟୁ ନାୟକ, କେନ୍ଦୁଝର ଏମ୍‌ପିଙ୍କ ଘଟଗାଁ ବ୍ଲକ୍ ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ଭାଜପା ରାଜ୍ୟ ପରିଷଦ ସଦସ୍ୟ ଅମର ସିଂହ, ଏମ୍‌ପିଙ୍କ ଘଟଗାଁ ବ୍ଲକ୍ କୃଷକ ପ୍ରତିନିଧି ଇନ୍ଦ୍ରମଣି ମହାନ୍ତ, ଲ୍ୟାମ୍ପ୍‌ସ ଡାଇରେକ୍ଟର ଦିଗାମ୍ବର ନାୟକ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ମହାନ୍ତ, ରବିନ୍ଦ୍ର ଦଳେଇ, ବନମାଳୀ ନାୟକ, ସେକ୍ ମୋବିନ, ସେକ୍ ତାହିର, ଚାଷୀ ପବିତ୍ର ମୋହନ ସିଂହ ପ୍ରମୁଖ ଉପସ୍ଥିତ ରହି ଯଥାବିଧି ପୂଜାପାଠ କରି ଟୋକନ ପାଇଥିବା ୧୧ ଜଣ ଚାଷୀଙ୍କଠାରୁ ୩୨୫ କୁଇଣ୍ଟାଲ ଧାନ କିଣାଯାଇଛି। ଚାଷୀମାନେ ପରିଷ୍କାର ଧାନ ଓ ଶୁଖିଲା ଧାନ ଦେଉଥିବାରୁ କଟନି ଛଟ୍‌ନୀ ବାଦଦେଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କ ଦରରେ ଧାନ କିଣା ଯାଉଥିବା ଜଣାପଡ଼ିଛି। ଢେଙ୍କିକୋଟ ଲ୍ୟାମ୍ପ୍‌ସ ଅଧୀନରେ ଥିବା ପିପିଳିଆ ଲ୍ୟାମ୍ପ୍‌ସରେ ମଧ୍ୟ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଥିବା ଏମ୍‌ଡି କେଶବାନନ୍ଦ ବାରିକ ପ୍ରକାଶ କରିଛନ୍ତି। ତେବେ ରାଇସ ମିଲ୍ ମାଲିକଙ୍କ ଧର୍ମଘଟ ଚାଲିଥିବାରୁ ଧାନ ସବୁ କିଣାହୋଇ ଗୋଦାମ ଗୃହରେ ମହଜୁଦ ରଖାଗଲା ବୋଲି କମ୍ପ୍ୟୁଟର ସେକ୍ସନ କାର୍ଯ୍ୟ କରୁଥିବା ଚିନ୍ମୟ ନାୟକ ପ୍ରକାଶ କରିଛନ୍ତି।

### ତରତରା ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ

ବଞ୍ଜୋ/ ଆନନ୍ଦପୁର,୫।୧
(ପ୍ରଦୋଷ ବିଶ୍ୱାଳ/ ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସମିତିର ସଭାପତି ସୁବ୍ରତ ସାମଲ, ଜିଲା ପରିଷଦ ଜିତେନ୍ଦ୍ର ସାମଲଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ଏମ୍‌ପିଙ୍କ ପ୍ରତିନିଧି ଟୁକୁନା ମହାନ୍ତ ଯୋଗଦେଇ ଧାନ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ସମବାୟ ସମିତିରେ ତରତରା, କାଠକଟା ଓ କଣ୍ଟିପାଳ ପଞ୍ଚାୟତର ଚାଷୀ ସାମିଲ ଥିବା ବେଳେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ଚାଷୀ ପଞ୍ଜିକୃତ କରିଛନ୍ତି।

### ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

ଯୋଡ଼ା,୫।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ନାଉପାଣି ଗ୍ରାମ୍ୟ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ୧୪ ବର୍ଷୀୟା ନାବାଳିକା ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବସତଃ ଗୋଡ଼ ଖସିଯାଇଥିଲେ। ଗଭୀର ପାଣିରେ ବୁଡ଼ିଯାଇ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ବାମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୦୨୬) ରୁଜୁ ହୋଇଛି।

# ସତ୍‌ସଙ୍ଗ ବିହାର ପକ୍ଷରୁ ଚାରାରୋପଣ



ଯୋଡ଼ା,୫।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳ ବନେଇକଳା ସତ୍‌ସଙ୍ଗ ବିହାର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ସଦଇଚ୍ଛାକୁ ଅଗ୍ରାଧିକାର ଦେଇ ପୂଜନୀୟ ଅବିନ ଦାଙ୍କ ୨୬ତମ ଜନ୍ମ ଦିବସରେ ଯୋଡ଼ା ସତ୍‌ସଙ୍ଗ ବିହାର ଓ ଭଦ୍ରାସାହିର ଗୁରୁ ଭାଇଙ୍କ ମିଳିତ ଉଦ୍ୟମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ସତ୍‌ସଙ୍ଗ ବିହାରର ସହ ପ୍ରତି ରୀତିକ ମଦନ ମୋହନ ବାରିକ, ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ପ୍ରସାଦ ରଥ, ଅନନ୍ତ ଚରଣ ନାୟକ, ସୁମିତ ବେହୁରା, ବିଦ୍ୟାଧର ମହାରଣା, ସୁଧାନନ୍ଦ ଗିରି, ଭଗବାନ ଗିରି, କାର୍ତ୍ତିକ କାରୁଆ, ଗଦାଧର ଜେନା, ଗୌର ପଲେଇ, ପୂର୍ଣ୍ଣମା ସିଂହ, ରଞ୍ଜିତା ବାରିକ, କାଞ୍ଚଲତା ପାଢ଼ୀ, ଅଜୟ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧନା




ବଞ୍ଜୋ,୫।୧ (ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ସବ୍‌ଡିଭିଜନରେ ସରକାରଙ୍କ ଦ୍ୱାରା ନୂତନ ଭାବେ ନିଯୁକ୍ତ ଓକିଲଙ୍କୁ ସୋମବାର ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦର ସଭାପତି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇଥିଲେ। ଆନନ୍ଦପୁରର ବରିଷ୍ଠ ଆଇନଜୀବୀ ବ୍ରଜବନ୍ଧୁ ସାହୁ, ଦୟାନିଧି ଦାଶ, ହେମନ୍ତ ମଲ୍ଲିକ, ଜୟନ୍ତ ରାଜ, ଆଲୋକ ରାଉତ, ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ଅଶୋକ ସାହୁ ସ୍ୱାଗତ ଭାଷଣ, ଉପସଭାପତି ସୁଦର୍ଶନ ବଳ ଧନ୍ୟବାଦ ପ୍ରଦାନ କରିଥିଲେ। ଭଗବାନ ସାହୁ, ଝାମ୍ପିରାଣୀ ଦାସ, କୈଳାସ ଚନ୍ଦ୍ର ନାୟକ, ସାବିତ୍ରୀ ଦାସ, ଦାମୋଦର ଧଡ଼ା ପ୍ରମୁଖ ଯୋଗଦାନ କରିଥିଲେ।

# ୨୩୧ ଅଭିଯୋଗ ପଞ୍ଜୀକୃତ

କେନ୍ଦୁଝର,୫।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲଠାରେ ସୋମବାର ବର୍ଷର ପ୍ରଥମ ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୨୩୧ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୯୫ଟି, ଗ୍ରାମ୍ୟ ଭିତ୍ତିକ ସମସ୍ୟା ୩୬ଟି, ରେଡ୍‌କ୍ରସ ସହାୟତା ପାଇଁ ୨୦ଟି ଆବେଦନ ଗ୍ରହଣ କରାଯାଇଛି। ୩୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ସମସ୍ତ



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

ବିଭାଗର ଅଧିକାରୀ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ରାଜସ୍ୱ, ଆବାସ, ପାନୀୟ ଜଳ, ରାସ୍ତା, ବୃଦ୍ଧାଭତ୍ତା, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏକ

## ୨୦୨୬ ର ପ୍ରଥମ ଜନଶୁଣାଣି

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ କେନ୍ଦୁଝର ଜିଲାପାଳଙ୍କ ସମେତ ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ(ସାଧାରଣ) ମନ୍ଦରଧର ମହାଲିକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ରବିନ୍ଦ୍ର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟ ଜିଲା ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ପ୍ରଶିକ୍ଷଣାର୍ଥୀ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ।

